# କୁମ୍‌କି ପ୍ରଶିକ୍ଷଣ ନାଁରେ ବିପୁଳ ଟଙ୍କା ବରବାଦ

ଅସମାପିକା ସାହୁ
ଭୁବନେଶ୍ୱର, ୧୬।୫

ଯାହା ଅନୁମାନ କରାଯାଉଥିଲା, ଶେଷରେ ତାହା ହିଁ ହେଲା। ଚନ୍ଦକା ବନ କର୍ମଚାରୀ, ଆସାମ ମାହୁନ୍ତ ଠିକାଦାର ଏବଂ ଭେଟେରିନାରି ଡାକ୍ତରଙ୍କ ଅତ୍ୟାଚାରକୁ ସହି ପାରିଲା ନାହିଁ ନନ୍ଦନକାନନର ସେହି ପୋଷା ଦନ୍ତାହାତୀ 'ନନ୍ଦ'। ସୋମବାର ସକାଳେ ଚନ୍ଦକା ଅଭୟାରଣ୍ୟର ଗୋଡ଼ିବାରିଠାରେ ସବୁଦିନ ପାଇଁ ଆଖି ବୁଜିଲା। ତେବେ ନନ୍ଦ ମୃତ୍ୟୁ ପରେ ଏବେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ଉଠିଛି ନାନା ପ୍ରଶ୍ନ। ସ୍ଥାନୀୟ ଲୋକେ ବନ ବିଭାଗ ଓ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ରାସ୍ତାକୁ ଓହ୍ଲାଇଥିବାବେଳେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବନବିଭାଗ ନନ୍ଦକୁ ହିଁ ମାରିଦେଇଛି। ଅନ୍ୟ କେତେକ ଘଟଣା ଭଳି ସବୁ ଦୋଷ ରୋଗ ଉପରେ ଲଦିଦେଇ ଖସି ଯିବାକୁ ବସିଥିବା ସେମାନେ ଅଭିଯୋଗ କରିଛନ୍ତି।

୨୦୧୦ରେ କୁମ୍‌କୀ ପ୍ରଶିକ୍ଷଣ ପାଇଁ 'ନନ୍ଦ'କୁ ଜନ୍ମସ୍ଥାନ ନନ୍ଦନକାନନରୁ ଚନ୍ଦକା ଅଣାଯାଇଥିଲା। କୁମ୍‌କି ଅପରେଶନ ଜରିଆରେ ଜଙ୍ଗଲରେ ଉତ୍ପାତ କରୁଥିବା ବଣୁଆ ହାତୀଙ୍କୁ ନିୟନ୍ତ୍ରଣ କରିବା ସହ ଆହତ ହାତୀର ଚିକିତ୍ସା କାର୍ଯ୍ୟରେ ନନ୍ଦକୁ ବ୍ୟବହାର କରିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଉଥିଲା। ଏଥିପାଇଁ ଆସାମର ହାତୀ ପ୍ରଶିକ୍ଷକଙ୍କୁ ମଧ୍ୟ ନିୟୋଜିତ କରାଗଲା। କିନ୍ତୁ 'ନନ୍ଦ'ର ଆଚରଣରେ କେହି ବି ତା' ପାଖକୁ ଯିବା ପାଇଁ ଚାହୁଁନ ଥିଲେ। ଏପରିକି ଅନେକ ଥର ମାହୁନ୍ତ ମଧ୍ୟ ପରିବର୍ତ୍ତନ କରାଯାଇଛି, କିନ୍ତୁ କୌଣସି ଫଳ ମିଳିଲା ନାହିଁ। ସେ ସବୁବେଳେ ସେମିତି ବନ୍ଧା ହୋଇ ରହିଲା। ସେପଟେ ଦୀର୍ଘଦିନ ଧରି ଲୁହା ଚେନ୍‌ରେ ବନ୍ଧା ହୋଇ ରହିବାରୁ ତା' ଶରୀରରେ ସଂକ୍ରମଣ ବଢ଼ିବାରେ ଲାଗିଲା। ତେଣୁ ସେ ଅସୁସ୍ଥ ହେବାରେ ଲାଗିଲା। ଡାକ୍ତର ମଧ୍ୟ କହିଛନ୍ତି ତା'ର ମୃତ୍ୟୁ ସେପ୍ଟିସେମିଆରେ ହୋଇଛି। ଅର୍ଥାତ୍ ଅଧିକ ସଂକ୍ରମଣ ହେଲେ ହିଁ ସେପ୍ଟିସେମିଆ ହୋଇଥାଏ।

ସେହିଭଳି 'ନନ୍ଦ'କୁ ବାରମ୍ବାର ଟ୍ରାଙ୍କୁଲାଇଜ କରାଯାଇଛି। ଓୟୁଏଟି ଭେଟେରିନାରି ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ 'ନନ୍ଦ'କୁ ବାରମ୍ବାର ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ପୁଣି ଯେତେବେଳେ 'ନନ୍ଦ' ମସ୍ତ (ସାମୟିକ ଯୌନ ଉନ୍ମାଦତା) ହେଲା, ସେତେବେଳେ ଟ୍ରାଙ୍କୁଲାଇଜ କରାଗଲା। ସାଧାରଣତଃ ଅଣ୍ଡିରା ହାତୀ ୧୦ରୁ ୧୨ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ମସ୍ତ ହୋଇଥାଏ। ଏହି ସମୟରେ ହାତୀ, ମାହୁନ୍ତର ବୋଲହାକ ନମାନି ଏକ ଅନିୟନ୍ତ୍ରିତ ଏବଂ ବିଶୃଙ୍ଖଳ ହାତୀ ଭଳି ବ୍ୟବହାର କରିଥାଏ। ହାତୀର ଏଭଳି 'ମସ୍ତ' ସ୍ଥିତି ହାରାହାରି ପନ୍ଦର ଦିନରୁ ଏକମାସ ପର୍ଯ୍ୟନ୍ତ ରହିଥାଏ। ତେବେ ନନ୍ଦକୁ ବାରମ୍ବାର ଟ୍ରାଙ୍କୁଲାଇଜ୍ କରିବା ଦ୍ୱାରା ମଧ୍ୟ ତା' ସ୍ୱାସ୍ଥ୍ୟରେ ପ୍ରଭାବ ପକାଇଲା। ରାଜ୍ୟରେ ଆଉ କେଉଁ ଜାଗାରେ ହାତୀ ଉପଦ୍ରବ କଲେ ଟ୍ରାଙ୍କୁଲାଇଜର କରିବା ପାଇଁ ନନ୍ଦନକାନନ ଅବା ଓୟୁଏଟି ନା ଆଉ କେହି ବି ବ୍ୟତିବ୍ୟସ୍ତ ନୁହନ୍ତି। କିନ୍ତୁ ଟ୍ରାଙ୍କୁଲାଇଜ୍ ଶିଖିବା ସହ ହାତ ସଳଖ ଆଉ ଲକ୍ଷ୍ୟ ଭେଦ ଅଭ୍ୟାସ କରିବା ପାଇଁ ଉଭୟ ନନ୍ଦନକାନନ ଏବଂ ଓୟୁଏଟି ବିଶେଷଜ୍ଞ ପାଇଁ 'ନନ୍ଦ' ଏକ ପ୍ରଶିକ୍ଷଣ ବସ୍ତୁ ପାଲଟିଗଲା। ଯେଉଁ ଉଦ୍ଦେଶ୍ୟରେ ନନ୍ଦକୁ ଚନ୍ଦକା ଅଣାଯାଇଥିଲା ତାହା ପୂରଣ ହେଲା ନାହିଁ। ଫଳରେ କୁମ୍‌କୀ ପାଇଁ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିଲା।



# 'ନନ୍ଦ'କୁ ମାରିଦେଲା ବନ ବିଭାଗ

## କ୍ୟାମ୍ପ ପରିଚାଳନାରେ ତ୍ରୁଟି

କୁମ୍‌କି ପ୍ରଶିକ୍ଷଣ ପାଇଁ କୁମାରଖୁଣ୍ଟିରେ ଲୋକ ଆଢୁଆଳରେ ଟ୍ରେନିଂ କରିବା ଆବଶ୍ୟକ ଥିଲା। କିନ୍ତୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ନନ୍ଦକୁ ଗୋଡ଼ିବାରୀରେ ରଖାଗଲା। ତେବେ ଦାୟିତ୍ୱରେ ଥିବା ଆସାମ ମାହୁନ୍ତ ଠିକାଦାର 'ନନ୍ଦ'ର ପ୍ରଶିକ୍ଷଣ ଆଦୌ କଲେ ନାହିଁ। ହାତୀର ମସ୍ତ ସମୟରେ ଯେଉଁଭଳି ପରିଚାଳନା କରାଯିବା କଥା ସେଥିରେ ଗୁରୁତର ତ୍ରୁଟି ରହିଗଲା। 'ନନ୍ଦ'କୁ ମାଈ ହାତୀ ମିଳିଲା ନାହିଁ। ତେଣୁ ମସ୍ତ ଅଧିକ ଦିନ ଲାଗି ରହିଲା।



ନନ୍ଦର ମୃତ୍ୟୁ ପରେ ସ୍ଥାନୀୟ ଗ୍ରାମବାସୀଙ୍କ ରାସ୍ତାରୋକୋ।

## ଗ୍ରାମବାସୀଙ୍କ ସହ ପରିଚିତ ଥିଲା ନନ୍ଦ

ନନ୍ଦ ଯେହେତୁ ପୋଷା ହାତୀ, ତେଣୁ ସ୍ଥାନୀୟ ଲୋକେ ମଧ୍ୟ ତାକୁ ବେଳେବେଳେ ଖାଇବାକୁ ଦେଇଥାନ୍ତି। ଫଳରେ ଆଖପାଖର ଗ୍ରାମବାସୀଙ୍କ ସହ ନନ୍ଦର ସମ୍ପର୍କ ଓ ପରିଚୟ ବଢ଼ିଥିଲା। ଏବେ 'ନନ୍ଦ' ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସେମାନେ। ଗତ କିଛିଦିନ ପୂର୍ବରୁ 'ନନ୍ଦ'କୁ ଗୋଡ଼ିବାରୁ କୁମାରଖୁଣ୍ଟିକୁ ନେବା ପାଇଁ ବନବିଭାଗର କର୍ମଚାରୀମାନେ ଉଦ୍ୟମ କରିଥିଲେ। 'ନନ୍ଦ' ଅସହଯୋଗ କରିବାରୁ ତାକୁ ଟ୍ରାଙ୍କୁଲାଇଜ କରାଯାଇଥିଲା। ଏହାର ପ୍ରଭାବରେ ସେ ଅସୁସ୍ଥ ହୋଇ ଆଖି ବୁଜିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

## ୧୯୯୭ରୁ ଗୋଡ଼ରେ ପଡ଼ିଥିଲା ବେଡ଼ି

'ନନ୍ଦ' ଏକ ବଣୁଆ ହାତୀ ନୁହେଁ। ୧୯୮୫ ଅକ୍ଟୋବର ୨୩ରେ ଚେନ୍ନାଇସ୍ଥିତ ୱାଣ୍ଡାଲୁରୁ ଚିଡ଼ିଆଖାନାରୁ 'ପ୍ରେମା' ଓ 'ବାସନ୍ତୀ' ନାମରେ ଦୁଇଟି ମାଈ ହାତୀଙ୍କୁ ନନ୍ଦନକାନନ କର୍ତ୍ତୃପକ୍ଷ କିଣି ଆଣିଥିଲେ। ୧୯୮୬ ମେ' ୧୪ରେ ବାସନ୍ତୀ ଗର୍ଭରୁ 'ନନ୍ଦ' ଜନ୍ମ ନେଇଥିଲା। ନନ୍ଦନକାନନ ଚିଡ଼ିଆଖାନାରେ ଜନ୍ମ ହୋଇଥିବାରୁ ତା ନାଁ ରଖାଯାଇଥିଲା 'ନନ୍ଦ'। ୧୯୯୭ ନଭେମ୍ବର ୧୧ରେ ମାହୁନ୍ତ ରାଧାରଞ୍ଜନ ସିଂହଙ୍କୁ ନନ୍ଦ କଚାଡ଼ି ମାରିଦେବା ପରେ ଚର୍ଚ୍ଚାକୁ ଆସିଥିଲା। ଏଥିସହ 'ମସ୍ତ' ଲକ୍ଷଣ ଦେଖାଦେଇଥିଲା। ଏହାପରେ ନନ୍ଦ ଗୋଡରେ ଶିକୁଳି ପକାଯାଇ ହାତୀଶାଳରେ ବନ୍ଦୀ କରି ରଖାଯାଇଥିଲା।

ତା' ସ୍ୱଭାବରେ ପରିବର୍ତ୍ତନ ହେବାରୁ ତାକୁ ମୁକୁଳାଇବା ପାଇଁ ଚିନ୍ତା କରାଯାଇଥିଲା। କିନ୍ତୁ ବର୍ଷକ ପରେ ୧୯୯୮ ନଭେମ୍ବରରେ ପୁଣିଥରେ 'ମସ୍ତ' ଲକ୍ଷଣ ଦେଖାଦେଲା। ଫଳରେ 'ନନ୍ଦ' ପୁଣି ବିଶୃଙ୍ଖଳିତ ଆଚରଣ ଦେଖାଇ ମାହୁନ୍ତଙ୍କୁ ବାରମ୍ବାର ଆକ୍ରମଣ ପାଇଁ ଉଦ୍ୟମ କରିବାରୁ ଆଉ କେହି ତାକୁ ପରିଚାଳନା କରିବା ପାଇଁ ରାଜି ହେଲେ ନାହିଁ। ସେବେଠାରୁ ଗୋଡ଼ରେ ବେଡ଼ି ପଡ଼ି ନନ୍ଦ ଏକରକମ ବନ୍ଦୀ ହୋଇ ରହିଲା ନନ୍ଦନକାନନରେ। ଆଚରଣ ସ୍ୱାଭାବିକ ହେବା ପରେ ୨୦୧୦ ସେପ୍ଟେମ୍ବର ୧୩ରେ ଶିକୁଳିରୁ ମୁକ୍ତ କରାଯାଇ ନନ୍ଦନକାନନ ପରିସରରେ ବୁଲାଯାଇଥିଲା। ୧୪ରେ ନନ୍ଦକୁ ଚନ୍ଦକାର କୁମାରଖୁଣ୍ଟିକୁ ନେବା ଲାଗି ପ୍ରୟାସ ବିଫଳ ହୋଇଥିଲା। ଶେଷ ଫାଟକ ଅର୍ଥାତ ୯ ନମ୍ବର ଫାଟକକୁ ଅତିକ୍ରମ କରି ନ ଥିଲା ନନ୍ଦ। ଶେଷରେ ୨୦୧୦ ଅକ୍ଟୋବର ୨୫ରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇ ଏକ ଟ୍ରକ୍‌ରେ ଲଦି କୁମାରଖୁଣ୍ଟିକୁ ନିଆଯାଇଥିଲା। ସେଠାରେ 'କୁମ୍‌କୀ ଅପରେଶନ'ରେ ସାମିଲ ହୋଇଥିଲା ନନ୍ଦ। ତା'ର ହିଂସ୍ରପଣ ହ୍ରାସ କରିବା ପାଇଁ ସେଠାରେ ତା'ର ଉଭୟ ଦାନ୍ତକୁ ଆଗପଟୁ ଏକ ଫୁଟ ଲେଖାଏ କାଟି ଦିଆଯାଇଥିଲା। ହେଲେ ପୁଣି ହିଂସ୍ର ଆଚରଣ ଦେଖାଦେବାରୁ ସବୁବେଳେ ଗୋଡ଼ରେ ବେଡ଼ି ପକାଇ ରଖାଯାଇଥିଲା। ପରେ ତାକୁ ଗୋଡ଼ିବାରି ଅଣାଯାଇ ପର୍ଯ୍ୟଟକଙ୍କ ପାଇଁ ରଖାଯାଇଥିଲା।

## ଆସାମ ଠିକାଦାର କାଳ ସାଜିଲେ

ବନ୍ୟପ୍ରାଣୀ ବିଶେଷଜ୍ଞ କମଳଲୋଚନ ପୁରୋହିତ କହିଛନ୍ତି, କ୍ୟାମ୍ପ ପରିଚାଳନାରେ ତ୍ରୁଟି ହେତୁ ନନ୍ଦ ପରି ଏକ ହାତୀର ଜୀବନ ଗଲା। ଆସାମରୁ ମାହୁନ୍ତ ଆଣି ଠିକାଦାର ଯେଉଁ କୁମ୍‌କି ଟ୍ରେନିଂ ଦେଲା, ତା'ର କେହି ମୂଲ୍ୟାଙ୍କନ କଲେ ନାହିଁ। ୨୪ ଘଣ୍ଟା ଚେନ୍‌ରେ ବାନ୍ଧି ରଖିବା ଦ୍ୱାରା ଉପଯୁକ୍ତ ଶାରୀରିକ ବ୍ୟାୟାମ ମଧ୍ୟ ମିଳିଲା ନାହିଁ। ତେଣୁ ଆଗକୁ ବନ ବିଭାଗର ଯଦି କିଛି ଭଲ କାମ କରିବାର ଅଛି, ପ୍ରଥମେ ସେଇ ଆସାମ ଠିକାଦାରକୁ ବିଦା କରନ୍ତୁ। ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ସରକାର ନନ୍ଦ ହାତୀ ମୃତ୍ୟୁକୁ ଗୁରୁତର ଭାବେ ନେବା ଦରକାର। କାରଣ ଚନ୍ଦକାରେ 'ଶଙ୍କର' ହାତୀ ମଧ୍ୟ ମୃତ୍ୟୁ ପାଇଁ ଦିନ ଗଣୁଛି। ଆସାମ ମାହୁନ୍ତ ଠିକାଦାର ଦିପେନ କଲିତା ଉପରେ ବନ ବିଭାଗ ସମ୍ପୂର୍ଣ୍ଣ ନିର୍ଭରଶୀଳ ହେବା ହିଁ ନନ୍ଦ ପାଇଁ କାଳ ହେଲା। ଏ ନେଇ ପୂର୍ବତନ ପିସିସିଏଫ୍ ସୁରେଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଯେଉଁ ଉଦ୍ଦେଶ୍ୟ ରଖି ଏହି କୁମକି ପ୍ରଶିକ୍ଷଣ ଆରମ୍ଭ କରାଯାଇଥିଲା। ସେଥିରେ କେଉଁଠି ନା କେଉଁଠି ବନ ବିଭାଗ ବିଫଳ ହୋଇଛି। ରକ୍ତ ପରୀକ୍ଷାରେ ସଂକ୍ରମଣ ଥିବା ମୋତେ ଖବର ମିଳିଛି। ହେଲେ ମୃତ୍ୟୁର ଠିକ କାରଣ ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ଜଣାପଡ଼ିବ। ମାତ୍ର ପରିଚାଳନା ଗତ ତ୍ରୁଟି ପାଇଁ ତର୍ଜମା ହେବା ନିହାତି ଦରକାର।



## ଅନଭିଜ୍ଞ କର୍ତ୍ତୃପକ୍ଷ

ନନ୍ଦକୁ ଟ୍ରାଙ୍କୁଲାଇଜ୍ କରି ଚନ୍ଦକା କୁମାରଖୁଣ୍ଟି ନିଆଯିବା ସମୟରେ ଓଡ଼ିଶାରେ ଖୁବ୍ ସଂଖ୍ୟକ ଟ୍ରାଙ୍କୁଲାଇଜର ବନ୍ଧୁକ ଥିଲା। ଡାକ୍ତରମାନେ କେବଳ ନିଶ୍ଚେତକ ଡୋଜ୍ ନିରୂପଣ କରିବା ଛଡ଼ା ଅନ୍ୟ କିଛି କରୁ ନ ଥିଲେ। ନନ୍ଦ ଗୋଡ଼ରେ ସବୁବେଳେ ବେଡ଼ି ପଡି ରହୁଥିବାରୁ କର୍ତ୍ତୃପକ୍ଷ ଆଉ ଅଭିଜ୍ଞ ଟ୍ରାଙ୍କୁଲାଇଜେଶନ ବିଶେଷଜ୍ଞଙ୍କୁ ନ ଡାକି ଓୟୁଏଟିରୁ ବିଶେଷଜ୍ଞଙ୍କୁ ଡାକି ଚିକିତ୍ସା କଲେ। କିନ୍ତୁ ହାତୀ ମସ୍ତ ହେଲାବେଳେ କେରଳରେ ଟ୍ରାଙ୍କୁଲାଇଜେଶନରେ ନିଶା ଦେଇ ଚିକିତ୍ସା କରାଯାଉଥିବା କହି ଓୟୁଏଟି ବିଶେଷଜ୍ଞ ସମାନ ପନ୍ଥା ଆପଣାଇଲେ। ଅନଭିଜ୍ଞ କର୍ତ୍ତୃପକ୍ଷମାନେ ଜାଣି ନ ପାରି ଓୟୁଏଟି ବିଶେଷଜ୍ଞଙ୍କୁ ଅନୁମତି ଦେଇ ଚାଲିଲେ। ଫଳରେ ଓୟୁଏଟି ଡାକ୍ତର ନନ୍ଦ ଦେହରେ ଅଭ୍ୟାସ କରିକରି ନିଜେ ଜଣେ ଟ୍ରାଙ୍କୁଲାଇଜେଶନ ବିଶେଷଜ୍ଞ ପାଲଟି ଗଲେ। ବାରମ୍ବାର ଟ୍ରାଙ୍କୁଲାଇଜ୍‌କୁ ନନ୍ଦର ଶରୀର ସହି ପାରିଲା ନାହିଁ ଓ ଶେଷରେ ଅସୁସ୍ଥ ହୋଇ ଆଖି ବୁଜିଥିବା କୁହାଯାଉଛି।

**MILK UNION SAMBALPUR**
**VEHICLE REQUIRED ON HIRE**
1.TATA ACE or similar type of vehicle required on hire for Khuntbandh Milk route running both morning & evening covering 160 K.M
2.TATA ACE or similar type of vehicle required on hire for Sonepur- Birmaharajpur Milk route running both morning & evening covering 154 K.M
Interested Parties may purchase and submit Tenders by 25.05.2022,
Tender Paper Cost- **Rs. 200/- + GST, EMD- Rs. 2,000/-**

## ନରସିଂହପୁର ଜଙ୍ଗଲ

# ହାତୀର ଗଳିତ ମୃତଦେହ ଜବତ

### ହାତୀ ମୃତ୍ୟୁକୁ ରେଞ୍ଜର ଲୁଚାଉଥିଲେ : ଡିଏଫ୍‌ଓ ସ୍ୱଷ୍ଟ କଲେ

ନରସିଂହପୁର, ୧୬।୫(ସ୍ୱ.ପ୍ର.)

କଟକ ଜିଲା ନରସିଂହପୁର ବ୍ଲକ ପଶ୍ଚିମ ବନ ବିଭାଗ ଅଧୀନ ଉପରକଟା ଗ୍ରାମ୍ୟ ଜଙ୍ଗଲରେ ଏକ ଦନ୍ତାହାତୀର ଗଳିତ ମୃତଦେହ ସୋମବାର ଜବତ ହୋଇଛି। ମାତ୍ର ବନ ବିଭାଗ ଏହାକୁ ଚପାଇ ଦେବାକୁ ଉଦ୍ୟମ କରୁଥିଲା। ରେଞ୍ଜର ପ୍ରଫୁଲ୍ଲ କୁମାର ଦେହୁରୀଙ୍କୁ ପଚାରିବାରେ ମୋ ପାଖରେ ଏ ନେଇ କୌଣସି ସୂଚନା ନାହିଁ। କୌଣସି ହାତୀ ମରିନାହିଁ ବୋଲି କହି ଘଟଣାକୁ ଏଡାଇ ଚାଲିଥିଲେ। ଏପରିକି ଆମ ଡ୍ୟୁଟି ମାତ୍ର ୮ ଘଣ୍ଟା ବୋଲି କହିଥିଲେ। ଏ ସମ୍ପର୍କରେ ଆଠଗଡ ଡିଏଫ୍‌ଓ ସୁଦର୍ଶନ ଯାଦବଙ୍କୁ ପଚାରିବାରୁ ହାତୀର ମୃତ୍ୟୁ ଘଟିଥିବା ସେ ସ୍ୱୀକାର କରିଥିଲେ। ଗ୍ରୀଷ୍ମ ପ୍ରବାହ ଓ ଜଳକଷ୍ଟ କାରଣରୁ ହାତୀଟିର ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି।



ଜଙ୍ଗଲରେ ପଡ଼ିଥିବା ହାତୀର ଗଳିତ ମୃତଦେହ।

ନରସିଂହପୁର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ବିଜୟ କୁମାର ସେନାପତି ହାତୀଟିର ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ହାତୀଟିର ୨୦ରୁ ୨୫ ଦିନ ମଧ୍ୟରେ ମୃତ୍ୟୁ ଘଟିଛି। ଏହା ଏକ ଅଣ୍ଡିରା ହାତୀ। ଏହାର ବୟସ ଅଢେଇରୁ ୩ ବର୍ଷ ହେବ। ମୃତଦେହ ବ୍ୟବଚ୍ଛେଦ ପରେ ଜଙ୍ଗଲରେ ଗାତ ଖୋଳି ପୋତି ଦିଆଯାଇଛି ବୋଲି ସେ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଯଦି ହାତୀର ମୃତ୍ୟୁ ଘଟିନି ତାହେଲେ ପ୍ରାଣୀ ଚିକିତ୍ସା ଅଧିକାରୀ କିପରି ମୃତଦେହ ବ୍ୟବଚ୍ଛେଦ କଲେ। ତେବେ ରେଞ୍ଜର ଦେହୁରୀ କିପରି ହାତୀ ମୃତ୍ୟୁ ଘଟଣା ଜାଣିପାରିଲେ ନାହିଁ, ନା ସବୁ ଜାଣି ବନ ବିଭାଗର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଏଭଳି କରିଛି ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି।

ସେହିପରି ୨୦ରୁ ୨୫ ଦିନ ପୂର୍ବରୁ ହାତୀଟିର ମୃତ୍ୟୁ ଘଟିଥିଲେ ମଧ୍ୟ ବନ ବିଭାଗ କର୍ମଚାରୀ କିପରି ଜାଣିପାରିଲେ ନାହିଁ। ପୂର୍ବରୁ ମଧ୍ୟ ଏଠାରେ ଏକ ଗଳିତ ହାତୀର ମୃତଦେହ ଜବତ ହୋଇଥିଲା। ଏହି ଜଙ୍ଗଲରେ କିଛିମାସ ମଧ୍ୟରେ ୬ରୁ ଅଧିକ ହାତୀର ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି, ଯାହାର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ବ୍ରାହ୍ମଣବସ୍ତ ଜଙ୍ଗଲରେ ଦନ୍ତା ଅସୁସ୍ଥ

ଖୁଣ୍ଟୁଣୀ, ୧୬।୫(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳର ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀ ଅସୁସ୍ଥ ହୋଇ ବୁଲୁଥିବାର ଦେଖିବାକୁ ମିଳିଛି। ଦଳ ଛାଡିଥିବା ଏହି ଦନ୍ତାଟି ୫/୬ଦିନ ହେବ ବ୍ରାହ୍ମଣବସ୍ତ ଜଙ୍ଗଲରେ ଛୋଟେଇ ଛୋଟେଇ ବୁଲୁଥିବା ବନ ବିଭାଗ ଖବର ପାଇବା ପରେ ହାତୀର ଚିକିତ୍ସା ନିମନ୍ତେ ସୋମବାର ବନ ଅଧିକାରୀମାନେ ଯାଇଛନ୍ତି। ଆଠଗଡ଼ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଗୋଳ ଜିଲା ସାତକୋଶିଆ ବନ୍ୟ ପ୍ରାଣୀ ଡିଭିଜନର ଟ୍ରାଙ୍କୁଲାଇଜର ବିଶେଷଜ୍ଞ ଟିମ ଓ ଖୁଣ୍ଟୁଣୀ ବନ ବିଭାଗ ଟିମ୍ ସଂରକ୍ଷିତ ଜଙ୍ଗଲରେ ପହଞ୍ଚି ହାତୀକୁ ଠାବ କରି ଟ୍ରାଙ୍କୁଲାଇଜ ପାଇଁ ଯୋଜନା କରିଥିଲେ। ହେଲେ ହାତୀଟି ସ୍ଥିର ଭାବେ ଗୋଟିଏ ଜାଗାରେ ରହୁ ନ ଥିବାରୁ ଟ୍ରାଙ୍କୁଲାଇଜ କରିବାରେ ଅସଫଳ ହୋଇଛନ୍ତି।

ଆଜିକୁ ଚାରିଦିନ ତଳେ ଖୁଣ୍ଟୁଣୀ ବନ ବିଭାଗ କର୍ମଚାରୀ ଓ ହାତୀ ଘଉଡାଳି ଦଳ ପାଟ୍ରୋଲିଂ କରୁଥିବା ବେଳେ ବ୍ରାହ୍ମଣବସ୍ତ ଜଙ୍ଗଲରେ ଦନ୍ତାହାତୀଟି ଛୋଟେଇ ଛୋଟେଇ ବୁଲୁଥିବା ଦେଖିଥିଲେ। ହାତୀଟି ଅସୁସ୍ଥ ଥିବା ଜାଣିବା ପରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ହାତୀର ଚିକିତ୍ସା ପାଇଁ ସାତକୋଶିଆ ୱାଇଲ୍ଡ ଲାଇଫ ଡିଭିଜନର ଟ୍ରାଙ୍କୁଲାଇଜର ଏକ୍ସପର୍ଟ ଡା କେଶବ କୁମାର ସାହୁ ଖୁଣ୍ଟୁଣୀ ବନ ବିଭାଗ ସହିତ ସଂରକ୍ଷିତ ଜଙ୍ଗଲକୁ ସୋମବାର ଯାଇଥିଲେ। ମାତ୍ର ଦନ୍ତା ଜଙ୍ଗଲ ଭିତରକୁ ଚାଲିଯାଇଥିବାରୁ ଦିନ ସାରା ବନ ବିଭାଗ ହାତୀକୁ ଖୋଜି ନୟାନ୍ତ ହୋଇଥିଲା। ଜଙ୍ଗଲ ବିଭାଗ ରିପୋର୍ଟ ଲେଖାହେବା ବେଳକୁ ସେଠାରେ ଡେରା ପକାଇ ହାତୀର

- ଡାହାଣ ଗୋଡ଼ କ୍ଷତ ସୂଚନା
- ଟ୍ରାଙ୍କୁଲାଇଜ ପାଇଁ ଖୋଜି ନୟାନ୍ତ

ଚଳପ୍ରଚଳ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ବନ କର୍ମଚାରୀ। ହାତୀକୁ ଟ୍ରାଙ୍କୁଲାଇଜ କରି ଚିକିତ୍ସା ନ କରିବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରହିବ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଥୁର ସୂଚନା ଦେଇଛନ୍ତି। ଅସୁସ୍ଥ ହାତୀର ବୟସ ୨୬ ବର୍ଷ ମଧ୍ୟରେ ହେବ ଓ ଜଙ୍ଗଲରେ ସେ ଏକାକି ବୁଲି ଖାଦ୍ୟ ଗ୍ରହଣ କରୁଛି। ତା'ର ଆଗପଟ ଡାହାଣ ଗୋଡ଼ ଆଣ୍ଠୁ ଉପରକୁ ଫୁଲିଥିବାରୁ ହାତୀଟି ଛୋଟେଇ ଚାଲୁଥିବାର ବନ ବିଭାଗ କହିଛି। ଉଲ୍ଲେଖଯୋଗ୍ୟ, ଖୁଣ୍ଟୁଣୀ ବନାଞ୍ଚଳର ଏହି ବ୍ରାହ୍ମଣବସ୍ତ ଜଙ୍ଗଲରେ ଗତ ଡିସେମ୍ବରରେ ମଧ୍ୟ ଏକ ଅସୁସ୍ଥ ମାଈ ହାତୀ ଛୋଟେଇ ବୁଲୁଥିବା ବନ ବିଭାଗ ଜାଣିବା ପରେ ଟ୍ରାଙ୍କୁଲାଇଜ କରି ହାତୀ ଗୋଡ଼ରୁ ଏକ ଲମ୍ବା ତାର ବାହାର କରି ଚିକିତ୍ସା କରାଯାଇଥିଲା।

# ହେଟାବାଘ ଆକ୍ରମଣରେ ୩ ଗୁରୁତର

ମାହାଙ୍ଗା, ୧୬।୫(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଅଞ୍ଚଳରେ ହେଟାବାଘ ଆକ୍ରମଣରେ ସୋମବାର ୩ ଜଣ ଗୁରୁତର ହୋଇଛନ୍ତି। କୃଷ୍ଣଦାସପୁର-ସିପୁରା ପୂର୍ତ୍ତ ରାସ୍ତାର ସିପୁରାଠାରେ ଛିଡା ହୋଇ ପରିସ୍ରା କରୁଥିବା ବେଳେ ଯାଜପୁର ଜିଲ ବଡଚଣା ବ୍ଲକ ମାଣ୍ଡୁକା ପଦ୍ମନାଭପୁର ଗାଁର ଅଶୋକ ସେନାପତିଙ୍କୁ ହେଟାବାଘ ଆକ୍ରମଣ କରିବା ସହ ତାଙ୍କ ବେକକୁ କାମୁଡି ଧରିଥିଲା। ଏହି ଘଟଣା ଦେଖି ସେଠାରେ ଉପସ୍ଥିତ ଥିବା ଗାଁର ଲୋକେ ସାହାସର ସହ ବାଡିରେ ହେଟାବାଘଟିକୁ ବାଡେଇବାରୁ ସେ ଛାଡି ପଳାଇଥିଲା। ଫଳରେ ତାଙ୍କୁ ପ୍ରଥମେ ନଡିଆସାହାସପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହାର କିଛି ସମୟ ପରେ ସିପୁରା ଗ୍ରାମର ସୁରେଶ ରାଉତରାୟଙ୍କ ଏକ କଖାରୁ କ୍ଷେତରେ ଶ୍ରମିକ ଭାବେ କାମ କରୁଥିବା ପଶ୍ଚିମବଙ୍ଗ ଅଞ୍ଚଳର ଅଚିନ୍ତ ନାୟକ ଓ ବାଲେଶ୍ୱର ଅଞ୍ଚଳର ବାପୁନୀ ପାଲିଙ୍କୁ ହେଟାବାଘଟି ଆକ୍ରମଣ କରିବାରୁ ସେମାନେ ଗୁରୁତର ଆହାତ ହୋଇଛନ୍ତି। ଅଚିନ୍ତ ଓ ବାପୁନୀ ଗୁରୁତର ଅବସ୍ଥାରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ। ପ୍ରକାଶ ଯେ, ଏହି ହେଟାବାଘଟି ଅପରାହ୍ଣରୁ ଲୋକମାନଙ୍କୁ ଦେଖିବା ମାତ୍ରେ ଆକ୍ରମଣ କରିବାକୁ ଗୋଡାଉଛି। ଫଳରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତୁରନ୍ତ ବନ ବିଭାଗ ଏହି ହେଟାବାଘକୁ ଧରିବାକୁ ସାଧାରଣରେ ଦାବି ହୋଇଛି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବଡ଼ମ୍ବା,(ଡି.ଏନ.ଏ.): ବଡ଼ମ୍ବା ଥାନା ଅନ୍ତର୍ଗତ ରାଗଡ଼ିପଡ଼ା ଗାଁର ବିନୋଦ ମଲ୍ଲିକ (୩୦) ସୋମବାର ମହନୀ ପୋଖରୀରେ ଗାଧୋଉ ଥିବାବେଳେ ପାହାଚରେ ଗୋଡ ଖସିଯିବାରୁ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଗାଁର ଲୋକ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଥିଲା। ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ସାହୁ, ଓକିଲ ସଂଘ ଉପସଭାପତି ପ୍ରସନ୍ନ କୁମାର ମଲ୍ଲିକ, ସାମାଜିକ କର୍ମୀ ପୀତବାସ ମଲ୍ଲିକ ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏ ନେଇ ପୋଲିସ ନଂ. ୧୫/୨୦୨୨ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ଆତ୍ମଘୋଷିତ ଶଙ୍କରାଚାର୍ଯ୍ୟଙ୍କୁ ବିରୋଧ

**ପୁରୀ ଅଫିସ,୧୬।୫**

■ପୁରୀରେ ପୂରାଇ ଦିଆଯିବ ନାହିଁ: ଆଦିତ୍ୟବାହିନୀ

■ ସନାତନ ଧର୍ମର ପ୍ରଚାର କରୁଛି: ଅଧକ୍ଷାନନ୍ଦ ଦେବତୀର୍ଥ

ଆତ୍ମଘୋଷିତ ଶଙ୍କରାଚାର୍ଯ୍ୟ ଅଧକ୍ଷାନନ୍ଦ ଦେବତୀର୍ଥ ମହାରାଜଙ୍କୁ ପୁରୀରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ପୁରୀ ଆସିଥିବା ବେଳେ ସୋମବାର ଆଦିତ୍ୟ ବାହିନୀ ପକ୍ଷରୁ ତାଙ୍କୁ ତୀବ୍ର ବିରୋଧ କରାଯାଇଛି। ଫଳରେ ପୁରୀ ରେଲଷ୍ଟେଶନରେ ସେ ଅଧଘଣ୍ଟା ଧରି ଅଟକି ରହିଥିଲେ। ପରେ ପୋଲିସ ପହଞ୍ଚି ତାଙ୍କୁ ସୁରକ୍ଷା ମଧ୍ୟରେ ଆଣିଥିଲା।

ସୂଚନାଅନୁଯାୟୀ, ଅଧକ୍ଷାନନ୍ଦ ଦେବତୀର୍ଥ ମହାରାଜ ନିଜକୁ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ବୋଲି ଦାବି କରିଆସୁଛନ୍ତି। ଏ ନେଇ ପୂର୍ବରୁ ୧୯୯୬ରୁ ୨୦୦୦ ମସିହା ମଧ୍ୟରେ ବିବାଦ ଉଗ୍ରରୂପ ନେବାରୁ ହାଇକୋର୍ଟରେ ମାମଲା ପହଞ୍ଚିଥିଲା। ସେହି ସମୟରେ ପୁରୀରେ ଧାର୍ମିକ ଉତ୍ତେଜନାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯିବା ସହ ତାଙ୍କୁ ତଡ଼ିପାର୍ କରାଯାଇଥିଲା। ତେବେ ଦୀର୍ଘବର୍ଷ ପରେ ପୁଣି ସେ ପୁରୀ ଆସିଛନ୍ତି। ସୋମବାର ସକାଳ ପ୍ରାୟ ୬ଟା ୫୦ରେ ହାଓଡ଼ା-ପୁରୀ ଏକ୍ସପ୍ରେସ୍‌ରେ ଆସି ସେ ପୁରୀରେ ପହଞ୍ଚିଥିଲେ। ପୁରୀ ରେଲଷ୍ଟେଶନରେ ଆଦିତ୍ୟ ବାହିନୀ ପକ୍ଷରୁ ତାଙ୍କୁ ବିରୋଧ କରାଯିବା ସହ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ତୁରନ୍ତ ଶ୍ରୀକ୍ଷେତ୍ର ଛାଡ଼ି ଚାଲିଯିବା ପାଇଁ ଦାବି କରାଯାଇଥିଲା। ପୋଲିସକୁ ସୂଚନା ମିଳିବା ପରେ ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ ରେଲଷ୍ଟେଶନରେ ପହଞ୍ଚି ଅଧକ୍ଷାନନ୍ଦଙ୍କ ସହ ଆଲୋଚନା କରିଥିଲେ। ଏହାପରେ ତାଙ୍କୁ ପୁରୀ ସହର ଭିତରେ ପ୍ରବେଶ ନ କରାଇ ମେରାଇନ୍ ଡ୍ରାଇଭ୍ ରୋଡ୍‌ସ୍ଥିତ ବେଲଦଳ ଅଞ୍ଚଳକୁ ନିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ଅଧକ୍ଷାନନ୍ଦଙ୍କ ତରଫରୁ ରେଲୱେ ଗୋଇନ୍ଦା ଶାଖା ଓ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଗସ୍ତ ସମ୍ପର୍କରେ ଅବଗତ କରାଯାଇଥିଲା। ସମ୍ପୃକ୍ତ ଚିଠିରେ ଅଧକ୍ଷାନନ୍ଦ ଦେବତୀର୍ଥ ମହାରାଜଙ୍କୁ ପୁରୀର ଶଙ୍କରାଚାର୍ଯ୍ୟ ବୋଲି ଉଲ୍ଲେଖ କରାଯାଇଛି, ଯାହାକୁ ନେଇ ପୁଣି ବିବାଦ ଦେଖାଦେଇଛି। ଆଦିତ୍ୟବାହିନୀ ପକ୍ଷରୁ କୁହାଯାଇଛି ଯେ, ଏଭଳି ବ୍ୟକ୍ତି ସାରା ଦେଶ ପାଇଁ ଲଜ୍ଜା। ଶଙ୍କରାଚାର୍ଯ୍ୟ ଚୟନ ଏକ ପବିତ୍ର ପରମ୍ପରା। ଅଢ଼େଇ ହଜାର ବର୍ଷ ଧରି ଉତ୍ତରାଧିକାରୀ ସର୍ତ୍ତରେ ଅଧିକୃତ ହୁଅନ୍ତି। ସମ୍ପ୍ରତି ଶଙ୍କରାଚାର୍ଯ୍ୟ ଭାବେ ଅଧିଷ୍ଠିତ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ୧୯୯୨ ମସିହା ବସନ୍ତ ପଞ୍ଚମୀରେ ଶଙ୍କରାଚାର୍ଯ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱାମୀ ନିରଞ୍ଜନ ଦେବତୀର୍ଥଙ୍କ ଉତ୍ତରାଧିକାରୀ ଭାବେ ସେ ଏହି ଆସନରେ ବସିଛନ୍ତି। ତେଣୁ ଆତ୍ମଘୋଷିତ ଶଙ୍କରାଚାର୍ଯ୍ୟ ଅଧକ୍ଷାନନ୍ଦଙ୍କ ଧର୍ମବିରୋଧୀ କାର୍ଯ୍ୟକଳାପ ଉପରେ ରୋକ୍ ଲାଗିବା ଦରକାର। ଏଭଳି ବ୍ୟକ୍ତିଙ୍କୁ ସରକାରୀ ଶାସନତନ୍ତ୍ର ସହଯୋଗ କରୁଛି, ଯାହା ହିନ୍ଦୁ ଧର୍ମ ଉପରେ କୁଠାରାଘାତ। ଆଦିତ୍ୟବାହୀନିର କ୍ଷେତ୍ରୀୟ ସଚିବ ଦେବାଶିଷ ମିଶ୍ର କହିଛନ୍ତି, ଅଧକ୍ଷାନନ୍ଦ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ନୁହନ୍ତି। ୨୦୦୦ ମସିହାରେ ତାଙ୍କୁ ତଡ଼ିପାର୍ କରାଯାଇଥିଲା। ତେଣୁ ତାଙ୍କୁ ପୁରୀରେ ପ୍ରବେଶ କରାଇ ଦିଆଯିବ ନାହିଁ। ଅନ୍ୟପକ୍ଷରେ ଅଧକ୍ଷାନନ୍ଦ କହିଛନ୍ତି, ମାମଲାର ଶୁଣାଣି ବେଳେ କୋର୍ଟ କହିଥିଲେ ପୁରୀ ଯିବାକୁ କାହାକୁ ରୋକାଯାଇପାରିବ ନାହିଁ। ଏହା ନାଗରିକର ମୌଳିକ ଅଧିକାର। ଗୋବର୍ଦ୍ଧନ ପୀଠର ଏକ କିଲୋମିଟର ଦୂରରେ ବିଚରଣ କରିବାର ଅଧିକାର ମୋ ପାଖରେ ରହିଛି। ସାରା ବିଶ୍ୱରେ ବୁଲି ସନାତନ ଧର୍ମର ପ୍ରଚାର କରୁଛି। ଶଙ୍କରାଚାର୍ଯ୍ୟ ଜଣେ ନୁହନ୍ତି। ଶଙ୍କରାଚାର୍ଯ୍ୟ ଚୟନକୁ ନେଇ ଅନେକ ମାମଲା ଚାଲିଛି। ଶଙ୍କରାଚାର୍ଯ୍ୟ ଚୟନରେ ବିଦ୍ୱତ୍ ପରିଷଦ ପ୍ରମୁଖ ଭୂମିକା ନିଅନ୍ତି। ସେହିଭଳି ପୁରୀ ଶଙ୍କରାଚାର୍ଯ୍ୟ ଭାବେ ନିଜକୁ ଦାବି କରିବା ପ୍ରଶ୍ନରେ ସେ କହିଛନ୍ତି, ଏହା ଏକ ଶାସ୍ତ୍ରୀୟ ବିବାଦ। ଏଣୁ ଏ ସମ୍ପର୍କରେ କିଛି କହିବାକୁ ଅଧକ୍ଷାନନ୍ଦ ଦେବତୀର୍ଥ ମନା କରିଦେଇଛନ୍ତି।


ପୁରୀ ରେଲଷ୍ଟେଶନରେ ଅଧକ୍ଷାନନ୍ଦ ଦେବତୀର୍ଥ ମହାରାଜଙ୍କ ସହ ପୋଲିସ ଆଲୋଚନା କରୁଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଉତ୍କଳ ବିଶ୍ୱବିଦ୍ୟାଳୟର ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ ବିଭାଗ ପକ୍ଷରୁ ବକ୍ତୃତା, ପିଜି କାଉନ୍‌ସିଲ ହଲ୍, ପୂର୍ବାହ୍ନ ୧୧ଟା ୩୦।
- ଆର୍ଟ ଅଫ୍ ଗିଭିଂର ୯ମ ବାର୍ଷିକ ସମାରୋହ, ସ୍ୱସ୍ତି ପ୍ରିମିୟମ, ଅପରାହ୍ନ ୪ଟା ୪୫।

ବାଲିଅନ୍ତା
- ବାର୍ଷିକ ଯଜ୍ଞ ମହୋତ୍ସବ ଅବସରରେ ଫ୍ରି-ସେଲ୍‌ରେ ନାଟକ ପରିବେଷଣ, ନହରକଣ୍ଟା, ରୁଦ୍ରେଶ୍ୱର ମନ୍ଦିର ସମ୍ମୁଖ ପଡ଼ିଆ, ରାତି ୧୧ଟା।

କଟକ
- ସିପିଆଇ ପକ୍ଷରୁ ଦରଦାମ୍ ବୃଦ୍ଧି ଓ ବିଦ୍ୟୁତ୍ ଶୁଳ୍କ ଛାଡ଼ ପାଇଁ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମୃତି ଉତ୍ସବ, ସାରଳା ଭବନ, ସନ୍ଧ୍ୟା ୬ଟା।
- କଳିଙ୍ଗ ଭାରତୀ ପକ୍ଷରୁ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସପ୍ତାହର ଦ୍ୱିତୀୟ ସନ୍ଧ୍ୟା, ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସନ୍ଧ୍ୟା ୬ଟା ୩୦।

## ପ୍ରାଚୀନ ସାହିତ୍ୟ ସୃଷ୍ଟି କରିଛନ୍ତି ଉପେନ୍ଦ୍ର ଭଞ୍ଜ

**କଟକ ଅଫିସ,୧୬।୫:** କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମୌଳିକ କୃତି ମାଧ୍ୟମରେ ଶାସ୍ତ୍ରୀୟତା ଚାତୁରି ବ୍ୟବହାର କରି ଉଚ୍ଚକୋଟୀର ପ୍ରାଚୀନ ସାହିତ୍ୟ ସୃଷ୍ଟି କରିଛନ୍ତି। ସେହି ସାହିତ୍ୟ ଭାଷାକୁ ସଂସ୍କୃତ ଭାଷାର ସମକକ୍ଷ କରିବା ପାଇଁ ଉଦ୍ୟମ କରି ସଫଳତା ପାଇଥିଲେ। ଏ କ୍ଷେତ୍ରରେ ଗବେଷଣା ହେଲେ ଓଡ଼ିଆ ଭାଷା ଆହୁରି ଋଦ୍ଧିମନ୍ତ ହୋଇପାରିବ ଓ ଉପେନ୍ଦ୍ର ଭଞ୍ଜଙ୍କ ସ୍ୱପ୍ନ ସାକାର ହେବ ବୋଲି ସାହିତ୍ୟିକ ଅରବିନ୍ଦ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ମିଶନ ରୋଡସ୍ଥିତ ଭଞ୍ଜ ମଣ୍ଡପରେ ସୋମବାର ୭୮ତମ କଳିଙ୍ଗ ଭାରତୀ ଓ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହରେ ଅତିଥି ଭାବେ ସାହିତ୍ୟିକ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରି ଏହା କହିଛନ୍ତି। କଳିଙ୍ଗ ଭାରତୀର ସଭାପତି ଇଞ୍ଜିନିୟର ଚନ୍ଦ୍ରଶେଖର ନନ୍ଦଙ୍କ ସଭାପତିତ୍ୱରେ ବକ୍ତା ଭାବେ ଡ.ମେଜର ଚିନ୍ତାମଣି ଭାରତୀ ଯୋଗଦେଇଥିଲେ। ସିଦ୍ଧାର୍ଥ ଶଙ୍କର ମହାନ୍ତି, ସଭାପତି ଶୈଳେଶ୍ୱର ନନ୍ଦ, କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ସଚେତନତା ପାଇଁ ଓଡ଼ିଆ ବରପୁତ୍ରମାନଙ୍କର ପୋଷାକ ପରିଧାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# କର୍ତ୍ତବ୍ୟରେ ଅବହେଳା କରିଛି ଏଏସ୍ଆଇ

**ପୁରୀ ଅଫିସ,୧୬।୫**

ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଏତଲା ଦେଲା ଶ୍ରୀଜଗନ୍ନାଥ ସେନା




ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ଅବହେଳା ନେଇ ଶ୍ରୀଜଗନ୍ନାଥ ସେନା ସୋମବାର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଭୁବନେଶ୍ୱର ଲିଙ୍ଗରାଜ ଥାନାରେ ଏତଲା ଦେଇଛି। ଶ୍ରୀମନ୍ଦିର ସୁରକ୍ଷା ଉପରେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ଏବଂ ଅନ୍ୟମାନେ ଠିକ୍ ଭାବେ ଧ୍ୟାନ ନ ଦେଇ କର୍ତ୍ତବ୍ୟରେ ଅବହେଳା କରିବା ସହ ରାଜ୍ୟ ସରକାରଙ୍କ ବେଆଇନ ପ୍ରକଳ୍ପ କାର୍ଯ୍ୟକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଆମ୍‌ସାର୍ ଆକ୍ଟ-୧୯୫୮ ଧାରା-୩୦ ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟରେ ଖନନ ଓ ନିର୍ମାଣ କରୁଥିବା ରାଜ୍ୟ ସରକାର, ଓବିସିସି, ଟାଟା କମ୍ପାନୀ ଏବଂ ପୁରୀ ଜିଲାପାଳଙ୍କ ବିରୋଧରେ ଏତଲା ଦାଏର କରାଯିବା କଥା। ଆମସାର୍ ଆଇନ ଅନୁଯାୟୀ ଏହା ବାଧ୍ୟତାମୂଳକ ହୋଇଥିବା ବେଳେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ସେଭଳି କୌଣସି ପଦକ୍ଷେପ ନେଇନାହାନ୍ତି। ବିନା ଅନୁମୋଦନରେ କାର୍ଯ୍ୟ ହେଉଥିବା ବେଳେ ଏଏସ୍ଆଇ ହାଇକୋର୍ଟଙ୍କୁ ପ୍ରକଳ୍ପ କାର୍ଯ୍ୟର ରହିତାଦେଶ ପାଇଁ ପ୍ରାର୍ଥନା କରୁନାହିଁ। ସେହିପରି ବ୍ୟାପକ ଖନନ ବେଳେ ଅନେକ କୀର୍ତ୍ତିରାଜି ନଷ୍ଟ ହୋଇଛି। ଏହାର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ଦାୟିତ୍ୱ ଏଏସ୍ଆଇ ନିକଟରେ ଥିବା ସତ୍ତ୍ୱେ ଏ ଦିଗରେ କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାନ୍ତି। ଏଣୁ ଆଇପିସି ଧାରା ୧୬୬, ୩୪, ୧୨୦ ବି ଏବଂ ଆମ୍‌ସାର୍ ଆକ୍ଟ ୩୦ସି ଅନୁଯାୟୀ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏତଲାରେ ଜଗନ୍ନାଥ ସେନା ପକ୍ଷରୁ ଉଲ୍ଲେଖ କରାଯାଇଛି। ସୂଚନା ଯୋଗ୍ୟ, ପ୍ରକଳ୍ପ କାର୍ଯ୍ୟକୁ ଏଏସ୍ଆଇ ଅନୁମୋଦନ କରି ନ ଥିବା କଥା ହାଇକୋର୍ଟରେ ସତ୍ୟପାଠ ମାଧ୍ୟମରେ ସ୍ପଷ୍ଟ କରିସାରିଛି। ମାତ୍ର ହେଉଥିବା ବେଆଇନ ନିର୍ମାଣ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ରାଜ୍ୟ ସରକାର ଏବଂ ଏଏସ୍ଆଇ ମଧ୍ୟରେ ସାଲିସରେ କାର୍ଯ୍ୟ ଚାଲୁଥିବା ଶ୍ରୀଜଗନ୍ନାଥ ସେନା ଅଭିଯୋଗ କରିଛି। ଅନ୍ୟପକ୍ଷରେ ପୁରୀ ସର୍କଲ ଏଏସ୍ଆଇ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଠିକ ସମୟରେ ରାଜ୍ୟ ସରକାର ଏବଂ ସମସ୍ତ ଅଂଶୀଦାରଙ୍କୁ ଚିଠି କରି ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଇଛି। ଏଣୁ ଏଏସ୍ଆଇକୁ ଦୋଷ ଦିଆଯିବା ଠିକ୍ ନୁହେଁ।

## ଲକ୍ଷ୍ମୀକାନ୍ତ, ବୈଦ୍ୟନାଥ ପାଇବେ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ

**କଟକ ଅଫିସ, ୧୬।୫**

ବିଶିଷ୍ଟ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ ଓ ଗୀତିକାର ବୈଦ୍ୟନାଥ ଖିଲାର ଚଳିତବର୍ଷର ମର୍ଯ୍ୟାଦାଜନକ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ଗଠିତ କମିଟି ଲକ୍ଷ୍ମୀକାନ୍ତ ଓ ବୈଦ୍ୟନାଥଙ୍କ ନାମକୁ ଚୟନ କରିଛି। ଆସନ୍ତା ୨୫ ତାରିଖରେ ଶତାବ୍ଦୀ ଭବନଠାରେ ହେବାକୁ ଥିବା ଭିକାରୀ ବଳଙ୍କ ୯୩ତମ ଜୟନ୍ତୀ ସମାରୋହରେ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ କଟକସ୍ଥିତ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଭିକାରୀ ବଳଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଡ. ସୁନାମଣି ରାଉତ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ପୁଣି ଆରମ୍ଭ ହେବ 'ଫାୟାର ପାର୍କ'

## ନିଆଁ ଆୟତ୍ତ କୌଶଳ ଶିଖିବେ ଲୋକେ

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ)**

ଅଗ୍ନିକାଣ୍ଡରେ ଅନେକ ଜୀବନ ଯିବା ସହ ବହୁ ସମ୍ପତ୍ତି ନଷ୍ଟ ହେଉଛି। ବର୍ଷକୁ ବର୍ଷ ଏହି ନିଆଁ ବିପତ୍ତି ବଢ଼ି ଚାଲିଛି। ତେଣୁ ଅଗ୍ନିକାଣ୍ଡ ଘଟିଲାବେଳେ ଭୟଭୀତ ନ ହୋଇ ଏହାକୁ କିଭଳି ଆୟତ୍ତ କରାଯାଇପାରିବ ସେନେଇ ସଚେତନ କରିବା ସହ କୌଶଳ ଶିଖାଇବ 'ଫାୟାର ପାର୍କ'। ବର୍ଷକ ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଶନିବାରଠାରୁ ପୁଣି ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ତେବେ ଏହାପୂର୍ବରୁ ସୋମବାର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଫାୟାର ଆଣ୍ଡ ଡିଜାଷ୍ଟର ରେସ୍‌ପନ୍ସ ଏକାଡେମୀଠାରେ ଏହାର ପ୍ରାକ୍ ପ୍ରସ୍ତୁତି କରାଯାଇଥିଲା। ଫାୟାର ବଲ ଓ ନୂଆ ନୂଆ ଅଗ୍ନି ନିରାପତ୍ତା ଯନ୍ତ୍ରର ବ୍ୟବହାର ସହ କୌଶଳ ପ୍ରଦର୍ଶନ କରାଯାଇଥିଲା। ଘର, ବ୍ୟବସାୟ ପ୍ରତିଷ୍ଠାନ, ଉଚ୍ଚ ଅଟ୍ଟାଳିକା, ଗ୍ୟାସ୍ ସିଲିଣ୍ଡର କିମ୍ବା ଅନ୍ୟ କେଉଁଠି ନିଆଁ ଲାଗିଲେ କିପରି ନିଜେ ସୁରକ୍ଷିତ ରହି ତାହାକୁ ପ୍ରାଥମିକ ଅବସ୍ଥାରେ ଆୟତ୍ତ କରିହେବ ସେ ସମ୍ପର୍କରେ ଅଗ୍ନିଶମ କର୍ମଚାରୀମାନେ ସର୍ବସାଧାରଣ ସ୍ଥାନକୁ ଆସି ଶିଖାଇବା ପୂର୍ବରୁ ସେଠାରେ ନିଜକୁ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀ ପ୍ରିନ୍ସିପାଲ ରମେଶଚନ୍ଦ୍ର ମାଝି, ଭାଇସ୍ ପ୍ରିନ୍ସିପାଲ ପ୍ରକାଶ କୁମାର ଜେନାଙ୍କ ସମେତ ଅଗ୍ନିଶମ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଦିଲ୍ଲୀ ମୁଣ୍ଡକା ଅଗ୍ନିକାଣ୍ଡ ପରେ ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ରବିବାରଠାରୁ ରାଜ୍ୟବ୍ୟାପୀ ଯାଞ୍ଚ ସହ ସଚେତନତା କାର୍ଯ୍ୟକ୍ରମ ଚାଲିଛି। କଟକ, ଭୁବନେଶ୍ୱର, ବାଲେଶ୍ୱର ସମେତ ବିଭିନ୍ନ ସ୍ଥାନରେ ହସ୍ପିଟାଲ, ଉଚ୍ଚ ଅଟ୍ଟାଳିକାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଉଛି। ଏଥିସହ ସାଧାରଣ ଲୋକ ଓ କର୍ମଚାରୀଙ୍କୁ ନିଆଁଲିଭା କୌଶଳ ଶିଖାଯାଉଛି। ଏହାକୁ ତ୍ୱରାନ୍ୱିତ କରିବାକୁ ଫାୟାର ପାର୍କ କାର୍ଯ୍ୟକ୍ରମ ପୁଣି ଆରମ୍ଭ କରାଯାଇଛି। ପ୍ରଥମେ ୨୦୨୧ ଜାନୁୟାରୀରେ ଫାୟାର ପାର୍କ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। କରୋନା ମହାମାରୀ ଯୋଗୁ ମାତ୍ର ୪ ମାସରେ ଏହା ବନ୍ଦ ହୋଇଯାଇଥିଲା। ଏବେ ପୁଣି ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶନିବାର ଅପରାହ୍ନ ୩ଟା ୩୦ରୁ ୫ଟା ମଧ୍ୟରେ ଜନଗହଳିପୂର୍ଣ୍ଣ ଓ ବିଭିନ୍ନ ସ୍ଥାନରେ ସାଧାରଣ ଲୋକ ଓ ଛାତ୍ରଗୋଷ୍ଠୀଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ତାଲିମ ସହ ସଚେତନତା କରାଯିବ। ଏଥିସହ ସେମାନଙ୍କୁ ପାମ୍ଫଲେଟ ପ୍ରଦାନ କରାଯାଇ ମତାମତ ନିଆଯିବ ବୋଲି ସୂଚନା ଦିଆଯାଇଛି।


ନିଆଁ ଲିଭା କୌଶଳ ପ୍ରଦର୍ଶନ ସହ ଫାୟାର ପାର୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଶ୍ୱମ୍ବର


@ ଉଲ୍ଲାସ


@ ମାନସ


@ ରଞ୍ଜନ


@ ରାକେଶ


@ କିରନ

## ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ଦାବିରେ ପଦଯାତ୍ରା

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ବରପୁତ୍ର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ 'ମରଣୋତ୍ତର ଭାରତରତ୍ନ' ଦାବି ନେଇ ଯୁବ ସାମାଜିକ କର୍ମୀ ସଞ୍ଜୟ ପରିଡ଼ା ସୋମବାରଠାରୁ ପଦଯାତ୍ରା ଆରମ୍ଭ କରିଛନ୍ତି। ଏହି ପଦଯାତ୍ରା ମାଧ୍ୟମରେ ସେ ରାଜ୍ୟର ବିଭିନ୍ନ ଜିଲା ବୁଲି ଜନସଚେତନତା ସୃଷ୍ଟି କରିବେ। ଏଥିସହ ଏକ ଦସ୍ତଖତ ଅଭିଯାନ କରିବେ ବୋଲି ସଞ୍ଜୟ କହିଛନ୍ତି। ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଘୋଡ଼ା ସମ୍ମୁଖରୁ ଏହି ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ପଦଯାତ୍ରାରେ ସାମାଜିକ କର୍ମୀ ମନସ୍ମିତା ଜେନା, କବୟିତ୍ରୀ ଡ. ବନ୍ଦନା ହରିଚନ୍ଦନ, ଆଇନଜୀବୀ ସ୍ୱପ୍ନାରାଣୀ ମଙ୍ଗରାଜ, ସାମାଜିକ କର୍ମୀ ରୋହିତ ନାୟକ ଯୋଗଦେଇଥିଲେ। ପଦଯାତ୍ରାକୁ ଓଡ଼ିଶା ସମାଜସେବୀ ମହାସଂଘର ସଭାପତି ବାପୁ ଓଝା ପରିଚାଳନା କରିଛନ୍ତି।


କଟକ ମିଶନ ରୋଡସ୍ଥିତ ଭଞ୍ଜ ମଣ୍ଡପରେ ସୋମବାର ୭୮ତମ କଳିଙ୍ଗ ଭାରତୀ ଓ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହ ପାଳନ ଅବସରରେ ଓଡ଼ିଆ ବରପୁତ୍ରଙ୍କ ବେଶ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଏବଂ ଅତିଥିମାନେ।


ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଚତୁର୍ଥ ଜାତୀୟ ନାଟ୍ୟ ମହୋତ୍ସବର ଶେଷ ସନ୍ଧ୍ୟାରେ ସୋମବାର ପରିବେଷିତ ହିନ୍ଦୀ ନାଟକ 'ସନ୍ ସେଟ୍ ଗେଷ୍ଟ ହାଉସ୍'ର ଏକ ଦୃଶ୍ୟ।


ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ 'ମରଣୋତ୍ତର ଭାରତରତ୍ନ' ଦାବି ନେଇ ଯୁବ ସାମାଜିକ କର୍ମୀ ସଞ୍ଜୟ ପରିଡ଼ା (ବାମରୁ ଦ୍ୱିତୀୟ) ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଘୋଡ଼ା ସମ୍ମୁଖରୁ ପଦଯାତ୍ରା ଆରମ୍ଭ କରୁଛନ୍ତି।

## ପଦ୍ମଶ୍ରୀ ରଜତ କର, ବିଚାରପତି ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ବାଣପୁର:** ପଦ୍ମଶ୍ରୀ ରଜତ କୁମାର କର ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ସୋମବାର ବାଣପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବାଣପୁର ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ଶୋକସଭାରେ ପୂର୍ବତନ ବିଚାରପତି ପୂର୍ଣ୍ଣଚନ୍ଦ୍ରଙ୍କ ଆତ୍ମାର ସଦଗତି ନିମନ୍ତେ ସଂଘର ସଦସ୍ୟମାନେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ସଂଘ ସଭାପତି ପ୍ରଭାତ ପଟ୍ଟଯୋଶୀ, ସମ୍ପାଦକ ଜଗନ୍ନାଥ ଭୋଳ, ଆଇନଜୀବୀ ଗୌରୀଶଙ୍କର ଷଡ଼ଙ୍ଗୀ, ଶରତ ପଟ୍ଟନାୟକ, ରବୀନ୍ଦ୍ରନାଥ ମାନସିଂହ, ବିପ୍ଲବ ମୁଦୁଲି, ଜଗଦୀଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥ ସଂସ୍କୃତିର ଅନ୍ୟତମ ଗବେଷକ ପଦ୍ମଶ୍ରୀ ରଜତ କରଙ୍କୁ ବାଣପୁରରେ ବ୍ରାହ୍ମଣ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

# ଶ୍ରୀଗୋପାଳ ଜୀଉ, ଜଗନ୍ନାଥ ପୀଠରେ ହେବ ସୌନ୍ଦର୍ଯ୍ୟକରଣ

**ଖୋର୍ଦ୍ଧା ଅଫିସ,୧୬।୫**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧାର ଶ୍ରୀଗୋପାଳ ଜୀଉ ଓ ଶ୍ରୀଜଗନ୍ନାଥ ପୀଠର ସୌନ୍ଦର୍ଯ୍ୟକରଣ କରାଯିବ। ଭକ୍ତଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଯିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଟୁଇଟ କରି ଜଣାଇଛନ୍ତି। ସୋମବାର ଜିଲାପାଳ ମହାପାତ୍ର ମନ୍ଦିର ପରିଦର୍ଶନ ସହ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ଏହି ଐତିହାସିକ ସ୍ଥାନ ସମ୍ପର୍କରେ ପରିଚାଳନା କମିଟି, ଗବେଷକ, ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ଐତିହ୍ୟ କୀର୍ତ୍ତିରାଜି ସଂରକ୍ଷଣ ଏବଂ ବିକାଶ ପାଇଁ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

ଖୋର୍ଦ୍ଧା-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକ ପଞ୍ଚ ପାଇକ ପ୍ରତିମୂର୍ତ୍ତି ଠାରୁ ଦୁଇ ଶହ ମିଟର ଦୂରରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଲୀଳାକ୍ଷେତ୍ର। ଗଡ଼ଖୋର୍ଦ୍ଧା ଠାରେ ମହାପ୍ରଭୁ ୩ଥର ପଦାର୍ପଣ କରିଛନ୍ତି। ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଏହି ମନ୍ଦିରକୁ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପୁନଃ ନିର୍ମାଣ କରିଥିଲେ। ଏହି ଐତିହ୍ୟ ସମ୍ପନ୍ନ ମନ୍ଦିର ଏବେ ବି ସମାଜର ଆଢୁଆଳରେ ରହିଛି। ଗଜପତି ପ୍ରଥମ ରାମଚନ୍ଦ୍ରଦେବ ୧୫୬୮ରେ ଗଡ଼ଖୋର୍ଦ୍ଧାରେ ନିଜର ଦୁର୍ଗ ପ୍ରତିଷ୍ଠା କରିଥିଲେ। ପରେ ୧୫୭୫ରେ କୁଜଙ୍ଗ ଗଡରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧା ସ୍ଥିତ ମନ୍ଦିରରେ ନବକଳେବର କରାଇ (କଳାପାହାଡ଼ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ) ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ଏହି କାର୍ଯ୍ୟ ପାଇଁ ରାମଚନ୍ଦ୍ର ଦେବ ପ୍ରଶଂସିତ ହେବା ସହ ଶ୍ରୀମନ୍ଦିର ସେବାୟତ, ୧୬ଶାସନ ବ୍ରାହ୍ମଣ ତାଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ବିଭୂଷିତ କରିଥିଲେ ବୋଲି ଐତିହାସିକ କେଦାର ନାଥ ମହାପାତ୍ରଙ୍କ ଖୁରୁଧା ଇତିହାସ ପୁସ୍ତକରେ ରହିଛି। ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ୧୬୦୭ରେ ମୋଗଲ ଆକ୍ରମଣ ଯୋଗୁ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିରରୁ ଏଠାକୁ ସ୍ଥାନାନ୍ତର ହୋଇ ୩ମାସ ୪ଦିନ ଅବସ୍ଥାନ କରିଥିଲେ। କାଳିଆ ସାଆନ୍ତ ଏଠାରେ ଗୁପ୍ତ ଭାବେ ପୂଜା ପାଉଥିଲେ। ମାଦଳା ପାଞ୍ଜିରେ ଏହି ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ, ସେବକ ପରମେଶ୍ୱରଙ୍କୁ ନେଇ ଖୁରୁଧାରେ



ମନ୍ଦିର ପରିଦର୍ଶନ ଅବସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏବଂ ଅନ୍ୟମାନେ।

ଗୋପାଳ ଦେଉଳେ ବିଜେ କରାଇଥିଲେ। ତେଣୁ ଏହି ଗୋପାଳ ମନ୍ଦିର ସମଗ୍ର ହିନ୍ଦୁ ସମାଜ ପାଇଁ ପରମପାବନ ତୀର୍ଥକ୍ଷେତ୍ର। ଭକ୍ତ ସାଲବେଗ ଏଠାରେ ପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଥିଲେ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି। ପରବର୍ତ୍ତୀ ସମୟରେ ଦ୍ୱିତୀୟ ରାମଚନ୍ଦ୍ରଦେବଙ୍କ ସମୟରେ ତକି ଖାଁ ଖୋର୍ଦ୍ଧା ଆକ୍ରମଣ ସମୟରେ ଗଜପତି ଓ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାବିଗ୍ରହ ବୋଲଗଡ଼ରେ ଅବସ୍ଥାନ କରିଥିଲେ। ସେଠାରୁ ପୁନଶ୍ଚ ପୁରୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଏହି ଗୋପାଳ ମନ୍ଦିରରେ ଅବସ୍ଥାନ କରିଥିଲେ। ଏହି ପ୍ରସଙ୍ଗ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକ ଏବଂ ବୋଲଗଡ଼ର ଇତିହାସ ଲେଖକ ରବୀନ୍ଦ୍ର କୁମାର ପରିଡାଙ୍କ ପୁସ୍ତକରେ ଉଲ୍ଲେଖ ରହିଛି। ଡ. ହରେକୃଷ୍ଣ ମହତାବଙ୍କ ହିଷ୍ଟ୍ରି ଅଫ ଓଡ଼ିଶା ଏବଂ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ରଚିତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଉପନ୍ୟାସ ନୀଳଶୈଳରେ ଉଲ୍ଲେଖ ରହିଥିବା ଗବେଷକ ଗୋପାଳକୃଷ୍ଣ ଦାସ କହିଛନ୍ତି। ଗବେଷକ ଦାସ କୁହନ୍ତି, ମହାପ୍ରଭୁଙ୍କ ଏହି ଲୀଳାକ୍ଷେତ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ସମ୍ପର୍କରେ ଜାଣିବା ପରେ ୨୦୦୭ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ର ଏହି ସ୍ଥାନ ପରିଦର୍ଶନରେ ଆସିଥିଲେ। ରେଭିନ୍ୟୁ ବଙ୍ଗଳାରେ ଖୋର୍ଦ୍ଧା ଐତିହାସିକ ସମାଜ ଆନୁକୂଲ୍ୟରେ ଏହି ଲୀଳାକ୍ଷେତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୧୪ ମସିହା ଜୁନ ୨୭, ୨୮ ଓ ୨୯ ତାରିଖରେ ମହାପ୍ରଭୁଙ୍କ ଚତୁର୍ଦ୍ଧା ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ସଭାପତି ଭୀମସେନ ମିଶ୍ର, ସମ୍ପାଦକ ରବି ନାରାୟଣ ମିଶ୍ର, ୧୯୯୬ରେ ଦଧିମାଛଗାଡିଆ ନବକଳେବର, ବନଯାଗରେ ଯୋଗଦେଇଥିବା ମନ୍ଦିର ପୁରୋହିତ ଡ.ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ.ସୁରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଠାରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଶ୍ରୀମନ୍ଦିର ଢାଞ୍ଚାରେ ଅନୁଷ୍ଠିତ ହୋଇଥାଏ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଉଦ୍‌ଘାଟିତ

**ବୋଲଗଡ଼,୧୬।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀରେ ସୋମବାର ଏକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀଙ୍କ ଉପସ୍ଥିତିରେ ଗୌଡ଼ ନୂଆଗାଁ ପ୍ରାଥମିକ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହରପ୍ରିୟା ଧଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରୋଗୀଙ୍କୁ ଠିକ୍ ସମୟରେ ସ୍ୱାସ୍ଥ୍ୟସେବା ଯୋଗାଇବା ସହିତ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପାଇଁ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସୁବିଧାଜନକ ହେବ ବୋଲି ଡା.ଧଳ କହିଛନ୍ତି। ପୂର୍ବରୁ ପ୍ରାଥମିକ ଚିକିତ୍ସା ପାଇଁ ରୋଗୀମାନେ ଦୂରଦୂରାନ୍ତକୁ ଯାଇ ଚିକିତ୍ସିତ ହେଉଥିଲେ। ଏବେ ରୋଗୀମାନେ ଏଠାରେ ପ୍ରାଥମିକ ଚିକିତ୍ସାର ସୁବିଧା ପାଇପାରିବେ। ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ଅଳକା ରାଉତ, ସ୍ୱାସ୍ଥ୍ୟକର୍ମୀ ସସ୍ମିତା ପରିଡା, ଦୁର୍ଗା ପ୍ରସାଦ ସେନାପତି, ଖଗେଶ୍ୱର ମାର୍ଥା, ସ୍ଥାନୀୟ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସମିତିସଭ୍ୟ, ନାଏବ ସରପଞ୍ଚ, ୱାର୍ଡମେମ୍ବର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଜଗନ୍ନାଥ ପତି ସ୍ମୃତି କମିଟିର ବୈଠକ

**କୃଷ୍ଣପ୍ରସାଦ,୧୬।୫(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପତି ସ୍ମୃତି କମିଟି ପକ୍ଷରୁ ଏକ ବୈଠକ ଚାରିଛକ ବଜାରରେ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବିଶିଷ୍ଟ ବାମପନ୍ଥୀ ନେତା ତଥା ସାମାଜିକକର୍ମୀ ସ୍ୱର୍ଗତ ଜଗନ୍ନାଥ ପତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୨୫ ତାରିଖରେ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିମୂର୍ତ୍ତି ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏଥିରେ ରାଜ୍ୟର ବହୁ ବରେଣ୍ୟ ନେତୃମଣ୍ଡଳୀ ଯୋଗଦେବେ। ସ୍ମୃତି ତୁମେ ଜଗନ୍ନାଥ ବାର୍ଷିକ ପୁସ୍ତିକା ପ୍ରକାଶ ନିମନ୍ତେ ସଭାରେ ନିଷ୍ପତ୍ତି ହୋଇଥିଲା। ସ୍ମୃତି କମିଟି ସଦସ୍ୟ ଦାମୋଦର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଶିକ୍ଷାବିତ୍ ଦିଲ୍ଲୀପ କୁମାର ଦାସ, ପୂର୍ବତନ ସରପଞ୍ଚ ନବୀନ କୁମାର ଜେନା, କିଶୋର ଚନ୍ଦ୍ର ନାୟକ, କାଶୀନାଥ ଜେନା, ଜଗବନ୍ଧୁ ସେନାପତି, ଉମାକାନ୍ତ ଜେନା, କୈଳାସ ଚନ୍ଦ୍ର ନାୟକ, ବିଷ୍ଣୁ ପ୍ରସାଦ ବେହେରା, ଅକ୍ଷୟ ସମାନ୍ତସିଂହାର, ତ୍ରିନାଥ ଜେନା, ସାଧୁ ଚରଣ ମାଝୀ, ପଞ୍ଚାନନ ତରେଇ, ପ୍ରଦୀପ ଜେନା ପ୍ରମୁଖ ଯୋଗଦେଇଥିଲେ।

### ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସ୍କାଏ-୧୧ ବିଜୟୀ

**ଜଟଣୀ,୧୬।୫(ଡି.ଏନ୍.ଏ.):** ଜଟଣୀ ବ୍ଲକ ତିରିମଲ ଏବଂ ବେଣାପଞ୍ଝରୀ ପଞ୍ଚାୟତରେ ମିଳିତ ଭାବେ ଅନୁଷ୍ଠିତ ପ୍ରଥମ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ ମ୍ୟାଚର ଏକାଦଶ ଦିବସରେ ସ୍କାଏ-୧୧ ଟିମ୍ ବିଜୟୀ ହୋଇଛି। ପଞ୍ଚାୟତ ଖେଳପଡିଆରେ ସୋମବାର ଏବିଡି ୱାରିୟର ଓ ସ୍କାଏ-୧୧ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ସ୍କାଏ -୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୯ ଉଇକେଟ ବିନିମୟରେ ୧୩୯ରନ ସଂଗ୍ରହ କରିଥିଲା। ଜବାବରେ ଏବିଡି ୱାରିୟର ୧୨ ଓଭରରେ ୧୧୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅତିଥିଭାବେ ସାମାଜିକକର୍ମୀ ମନୋଜ କୁମାର ପାହାନ୍ତାସିଂ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ହୃଦାନନ୍ଦ ଜେନା ଏବଂ ମହମ୍ମଦ ସରଫରାଜ ମ୍ୟାଚ୍ ପରିଚାଳନା କରିଥିଲେ।

## ପିଚୁକୁଳି ନାଟକ ମହୋତ୍ସବ ଉଦ୍‌ଯାପିତ

**ବୋଲଗଡ଼,୧୬।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ପିଚୁକୁଳି ଠାରେ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଗତ ୪ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ସୋମବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ପିଚୁକୁଳି ବଜାର ନୀଳକଣ୍ଠେଶ୍ୱର ବଣିକସଂଘ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଆୟୋଜିତ ଏହି ଯଜ୍ଞ ଅବସରରେ ଏକ ନାଟକ ମହୋତ୍ସବ ଆୟୋଜନ କରାଯାଇଥିବା ବେଳେ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଣୋଳର ମା'ମଙ୍ଗଳା ନାଟ୍ୟ ସଂସଦ କଳାକାରମାନେ 'ଭାଇଭଉଣୀ କହ କାହାଣୀ' ନାଟକ ମଞ୍ଚସ୍ଥ କରିଥିଲେ। ଖବରଦାତା ରମେଶ ସାହୁ ଯୋଗଦେଇ ନାଟ୍ୟ ମଞ୍ଚକୁ ଉଦ୍‌ଘାଟନ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ବଣିକସଂଘ ପକ୍ଷରୁ ବହୁ ପ୍ରତିଭାଧାରୀ ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମବାର ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସଭ୍ୟ ସୁବାସ ରାୟଗୁରୁ, ପ୍ରଦୀପ୍ତ ଛୋଟରାୟଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ। ବଣିକ ସଂଘର ସଦସ୍ୟ ଓ ସଭାପତି ପବିତ୍ର କୁମାର ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ଗ୍ରାମରେ ମଦ ବେପାରକୁ ବିରୋଧ କରି ସୋମବାର ବାଣପୁର ଥାନା ଆଗରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ନବବଧୂଙ୍କ ମୃତଦେହ ଜବତ ଘଟଣା, ୩ ଗିରଫ

**ନିରାକାରପୁର,୧୬।୫(ଡି.ଏନ୍.ଏ.)**

ନିରାକାରପୁର ଥାନା ରାମବଜାର ଅଞ୍ଚଳରୁ ଗତ ଶନିବାର ପୋଲିସ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ମୃତା ହେଲେ କଲ୍ୟାଣୀ ମିଶ୍ର ଓରଫ ପୂଜା। ଏହି ଘଟଣାରେ ସୋମବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶ୍ୱଶୁର ସନ୍ତୋଷ କର, ଶାଶୁ ସ୍ୱପ୍ନା କର ଓ ଦେଢ଼ଶୁର ପ୍ରତିରଞ୍ଜନ ମିଶ୍ର। ପ୍ରକାଶ ଯେ, ରାମବଜାର ଅଞ୍ଚଳର ଅସିତ୍ କର ପୁରୀ ଜିଲା ବୀରଗୋବିନ୍ଦପୁର ଗ୍ରାମର ପୂଜାଙ୍କୁ ବିବାହ କରିଥିଲେ। ଅସିତ୍ ଭାରତୀୟ ନୌସେନାରେ କାର୍ଯ୍ୟରତ ଥିବାରୁ ଛୁଟି ସରିଯିବା ପରେ କାର୍ଯ୍ୟରେ ଯୋଗଦେଇଥିଲେ। ବାପଘରୁ ଏକ କାର୍ ଆଣିବାକୁ ପୂଜାଙ୍କୁ ଶାଶୁଘର ଲୋକେ କହିଥିଲେ। ଏଥିରେ ପୂଜା ଅରାଜି ହେବାରୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ଶନିବାର ପୂଜାଙ୍କ ଦେହ ଖରାପ ଥିବା ନେଇ ଭାଇ କୀର୍ତ୍ତିରଞ୍ଜନ ଜାଣିବାକୁ ପାଇଥିଲେ। ସେ ପୂଜାଙ୍କ ଶାଶୁଘରେ ପହଞ୍ଚିଥିଲେ। ପୂଜାଙ୍କ ଘରର କବାଟ ବାଡ଼େଇ ଥିଲେ ମଧ୍ୟ ଖୋଲି ନ ଥିଲେ। ପୂଜା ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। କୀର୍ତ୍ତିରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୯୮/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

## ହାତୀ ଉପଦ୍ରବ, ୪ ପରିବାରଙ୍କ ଭାଙ୍ଗିଲା ଘର

**ବାଣପୁର,୧୬।୫(ଡି.ଏନ୍.ଏ.)**

ନୀଳାଦ୍ରିପ୍ରସାଦ ପଞ୍ଚାୟତର ଅରାଙ୍ଗ ଗ୍ରାମ ନିକଟରେ ରବିବାର ରାତିରେ ଏକ ହାତୀପଲ ବୁଲୁଥିବା ଦେଖି ଗ୍ରାମବାସୀ ବାଲୁଗାଁ ବନବିଭାଗକୁ ଜଣାଇଥିଲେ। ତେବେ ହାତୀମାନେ ବିଲରେ ପଶି ପନିପରିବା ଖାଇବା ସହ ଦଳିଚକଟି ଫସଲ ନଷ୍ଟ କରିଦେଇଥିଲେ। ହାତୀଙ୍କ ଭୟରେ ୮ ପରିବାରର ସଦସ୍ୟମାନେ ଘରଛାଡି ଗ୍ରାମ ଭିତରକୁ ପଳାଇ ଯାଇଥିଲେ। ହାତୀମାନେ ଗ୍ରାମର କୁମାର ସେନାପତି, ରବି ସେନାପତି, ଶତ୍ରୁଘ୍ନ ସେନାପତି ଓ ଗୋଲଖ ସେନାପତିଙ୍କ ଘର ଭାଙ୍ଗିବା ସହ ବିଭିନ୍ନ ଆସବାବପତ୍ର ନଷ୍ଟ କରି ଧାନ ଚାଉଳ ଖାଇ ସେଠାରେ ଉତ୍ପାତ ମଚାଇଥିଲେ। ହାତୀଙ୍କ ଭୟରେ ଗ୍ରାମବାସୀ ସେଠାକୁ ଯାଇ ନ



ହାତୀ ଭାଙ୍ଗି ଦେଇଥିବା ଘର।

ଥିଲେ। ଭୋର ହେବାରୁ ହାତୀମାନେ ନିକଟ ଜଙ୍ଗଲକୁ ପଳାଇଥିଲେ। ଏହି ୪ ପରିବାର ଆଦିବାସୀ ସମ୍ପ୍ରଦାୟ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହେଉଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଟାଙ୍ଗୀ(ଖୋର୍ଦ୍ଧା),୧୬।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍ଗୀ ଗ୍ରାମ ଗୋଡ଼ିପାଟଣା ସାହିରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଜଣେ ବୃଦ୍ଧ ଶୌଚ ପାଇଁ ପୋଖରୀକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମାଗୁଣି ବେହେରା(୬୫)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମାଗୁଣିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବିଦ୍ୟାଳୟରେ ନାହାନ୍ତି ଶିକ୍ଷକ, ପାଠପଢ଼ା ବ୍ୟାହତ

**କୃଷ୍ଣପ୍ରସାଦ,୧୬।୫(ଡି.ଏନ୍.ଏ.)**

୫-ଟି ରୂପାନ୍ତରଣ ଯୋଜନାରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ହାଇସ୍କୁଲଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ବିଦ୍ୟାଳୟ ଗୁଡ଼ିକରେ ସ୍ମାର୍ଟ କମ୍ପ୍ୟୁଟର ରୁମ୍, ବିଜ୍ଞାନାଗାର, ପାଇଖାନା ଗୃହ ଓ ଅନ୍ୟ କେତେକ କାର୍ଯ୍ୟ କରାଯାଉଛି। ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ଆବଶ୍ୟକ ଶିକ୍ଷକ ସାଙ୍ଗକୁ ଶ୍ରେଣୀ ଗୃହର ଅଭାବ ରହିଥିବା ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆବଶ୍ୟକ ଶ୍ରେଣୀ ଗୃହ ସାଙ୍ଗକୁ ଶିକ୍ଷକ ନିଯୁକ୍ତି ହେଉନଥିବାର ପାଠପଢ଼ା ବ୍ୟାହତ ହେଉଛି। ଏନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟରେ ହିନ୍ଦୀ, ବିଜ୍ଞାନ, କଳା ଶିକ୍ଷକ, ପିଅନ ଏବଂ ଜଣେ କିରାଣୀ ପଦବୀ ଖାଲି ପଡ଼ିଛି। ସେହିପରି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦବୀ ମଧ୍ୟ ଖାଲି ପଡ଼ିଛି। ଛାତ୍ରୀଛାତ୍ରମାନେ କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ କୃତିତ୍ୱ ହାସଲ କରୁଥିବା ବେଳେ ଖେଳପଡ଼ିଆ ଭିତ୍ତିଭୂମିର ପୁନରୁଦ୍ଧାର ଆବଶ୍ୟକ ରହିଛି। ଏଥିପ୍ରତି ପ୍ରଶାସନ ଓ ଜନପ୍ରତିନିଧିମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଚିକିତ୍ସାରେ ବାଧକ ସାଜିଛି ଅର୍ଥ

**ଜଟଣୀ,୧୬।୫(ଡି.ଏନ୍.ଏ.)**

### ସହାୟତା ପାଇଁ ମା' ବାପାଙ୍କ ନିବେଦନ

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ୧୯ନମ୍ବର ୱାର୍ଡ ଲୋକକଲୋନୀ ଅଞ୍ଚଳର ବି.କ୍ରିଷ୍ଣା ରେଡ୍ଡୀ। ସ୍ତ୍ରୀ ବି.ରାଧା ରେଡ୍ଡୀ, ତିନି ଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାର। କ୍ରିଷ୍ଣା ଦିନ ମଜୁରିଆ ଭାବେ ଏହି ଅଞ୍ଚଳରେ କାମ କରନ୍ତି। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ମଝିଆ ଝିଅ ବି.ସଙ୍ଗୀତା ଔଷଧ ଦୋକାନରେ କାମ କରି ପରିବାର ଚଳାଇବାରେ ବାପାଙ୍କୁ ସାହାର୍ଯ୍ୟ କରିଥାନ୍ତି। ତେବେ ସଙ୍ଗୀତାଙ୍କ ଗୋଡ଼ ଫୁଲିବାରୁ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ଚିକିତ୍ସା ବେଳେ ସେ ଆକ୍ୟୁଟ ମାଇଲୋଏଡ୍ ଲ୍ୟୁକେମିଆ (ରକ୍ତ କର୍କଟ) ରୋଗରେ ଆକ୍ରାନ୍ତ ଥିବା ନେଇ ଜଣାପଡ଼ିଥିଲା। ଅର୍ଥାଭାବ ତାଙ୍କ ଚିକିତ୍ସାରେ ବାଧକ ସାଜିଛି। ଫଳରେ ଏକ ମାସ ହେବ ଶଯ୍ୟାଶାୟୀ ଅବସ୍ଥାରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଅନ୍ୟପଟେ କ୍ରିଷ୍ଣାଙ୍କ ପାଇଁ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ଆର୍ଥିକ ଅନଟନ ଯୋଗୁ ଅନ୍ୟ ଭାଇ, ଭଉଣୀଙ୍କ ପାଠପଢ଼ାରେ ଡୋରି ବନ୍ଧା ହେବାକୁ ବସିଲାଣି। ସଙ୍ଗୀତା ଭଲ ହେବା ପାଇଁ ଅପରେଶନର ଆବଶ୍ୟକ ରହିଥିବା ବେଳେ ପ୍ରାୟ ୧୫ରୁ ୨୦ଲକ୍ଷ



ବି.ସଙ୍ଗୀତା ରେଡ୍ଡୀ

ଟଙ୍କା ଖର୍ଚ୍ଚ ହେବ। ଏତେ ଟଙ୍କା କେଉଁଠୁ ଆଣିବେ ସେ ନେଇ ପରିବାର ଚିନ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ପ୍ରଶାସନ କିମ୍ବା କୌଣସି ବ୍ୟକ୍ତି ସାହାଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି। ମୋବାଇଲ ନମ୍ବର (୮୨୬୦୫୨୭୬୬୧)ରେ ଯୋଗାଯୋଗ କରିବା ସହିତ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୩୬୭୩୧୦୮୦୦୪୧୬ରେ ବଦାନ୍ୟ ବ୍ୟକ୍ତି ଆର୍ଥିକ ସାହାଯ୍ୟ କରିବା ପାଇଁ ସଙ୍ଗୀତାଙ୍କ ମା'ବାପା ନିବେଦନ କରିଛନ୍ତି।

## ଶିଶୁ ବାଟିକା କ୍ରୀଡ଼ାଙ୍ଗନ ଉଦ୍‌ଘାଟିତ

**ବୋଲଗଡ଼,୧୬।୫(ଡି.ଏନ୍.ଏ.)**

ବୋଲଗଡ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି ସାହୁଙ୍କ ଆବାହକତ୍ୱରେ ଓ ସଙ୍କୁଳ ସଂଯୋଜକ ନିରଞ୍ଜନ ତରାସଙ୍କ ସଭାପତିତ୍ୱରେ ସୋମବାର ରାଜସୁନାଖଳା ସଙ୍କୁଳ ସ୍ତରୀୟ ବୈଠକ ସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତିର ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତାଭାବେ ସଙ୍କୁଳ ପ୍ରମୁଖ ହରିହର ଦାସ ଓ ଅତିଥିଭାବେ ଶୈକ୍ଷିକ ସଂଯୋଜକ ସୁଧୀର ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ଗୀତାପାଠ, ବେଦପାଠ, ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ପରେ ଅତିଥିମାନେ ବୋଲଗଡ଼ର ଶିଶୁ ବାଟିକା କ୍ରୀଡ଼ାଙ୍ଗନକୁ ଉଦ୍‌ଘାଟନ କରିଥିଲେ। ବୈଠକରେ ୧୦ଟି ବିଦ୍ୟାଳୟର ସମ୍ପାଦକ, ପ୍ରଧାନ ଆଚାର୍ଯ୍ୟ ଓ ସ୍କୁଲ ପରିଚାଳନା କମିଟିର ୩୦ ଜଣ ସଦସ୍ୟ ଯୋଗଦେଇଥିଲେ। ବୈଠକରେ ଜାତୀୟ ଶିକ୍ଷା ନୀତି-୨୦୨୦ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ, ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁପର ୧୧ ୱାରିୟର୍ସ ଚାମ୍ପିୟନ

**ବେଗୁନିଆ,୧୬।୫(ଡି.ଏନ୍.ଏ.)**

### ଶଗଡ଼ଭଙ୍ଗା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା ଗ୍ରାମ ଆନୁକୂଲ୍ୟରେ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବିବିସିସି ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଆଇପିଏଲ ନିୟମାନୁସାରେ ଖେଳାଯାଇଥିଲା। ଏଥିରେ ସାଇ ସୁପର କିଙ୍ଗ, ରାମଚଣ୍ଡୀ ରୟାଲସ, ସୁପର ୧୧ ୱାରିୟର୍ସ ଓ ରଘୁନାଥ କିଙ୍ଗସ୍ ଟିମ୍ ସାମିଲ ହୋଇଥିଲେ। ସୁପର ୧୧ ୱାରିୟର୍ସ ଓ ସାଇ ସୁପର କିଙ୍ଗ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସାଇ ସୁପର କିଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ବିନିମୟରେ ୮୧ ରନ ସଂଗ୍ରହ କରିଥିଲା। ଜବାବରେ ସୁପର-୧୧ ୱାରିୟର୍ସ ମଧ୍ୟ ସମାନ ରନ କରିଥିଲା। ମ୍ୟାଚ ଟାଇ ହେବାରୁ ସୁପରଓଭର ଖେଳାଯାଇଥିଲା। ସାଇ ସୁପରକିଙ୍ଗ ୬ ରନ ସଂଗ୍ରହ କରିଥିବା ବେଳେ ସୁପର ୧୧ ୱାରିୟର୍ସ ଟିମ୍ ୨୧ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଚନ୍ଦ୍ରକାନ୍ତ ଓ ହରମୋହନ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ସୌମ୍ୟରଞ୍ଜନ ବଳିୟାରସିଂହ, ଜେ.ଏସ୍.ପାଇକରାୟ, ରାଧାକାନ୍ତ ଛୋଟରାୟ, ଦୁର୍ଗାଚରଣ ମଙ୍ଗରାଜ ଯୋଗଦେଇ ଚାମ୍ପିୟନ ଟିମକୁ ୩୫୦୦ ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଟିମକୁ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

## ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଆରମ୍ଭ

**ଖୋର୍ଦ୍ଧା ଅଫିସ,୧୬।୫**

ଦିଲୀ ମୁଣ୍ଡକା ଅଗ୍ନିକାଣ୍ଡ ଘଟଣା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଗ୍ନିଶମ ଡିଜି ଏସ୍.କେ. ଉପାଧ୍ୟାୟ ଅଗ୍ନି ନିରାପତ୍ତା ନିୟମକୁ କଡାକଡି ଲାଗୁ କରିବା ପାଇଁ ସମସ୍ତ ଜିଲା ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ହୋଟେଲ, ଲଜ, ଗେଷ୍ଟ ହାଉସ, ଶିକ୍ଷାନୁଷ୍ଠାନ, ସିନେମା ହଲ, ମଲ୍ଟିପ୍ଲେକ୍ସ, ଘରୋଇ ଚିକିତ୍ସାଳୟ, କ୍ଲିନିକ, ହଷ୍ଟେଲ, ସାଧାରଣ ସଭା ସମ୍ମିଳନୀ କକ୍ଷ, ଶିଳ୍ପାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଲାଗି ଚିଠିରେ ଉଲ୍ଲେଖ ରହିଛି। ଏହି କ୍ରମରେ ସୋମବାର ଖୋର୍ଦ୍ଧା ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ସନାତନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଖୋର୍ଦ୍ଧା ସହରର ଭଗବାନ ଭିଲ୍ଲା, ସୂର୍ଯ୍ୟମୁଖୀ ହୋଟେଲ, କେତେକ ଶିଳ୍ପାନୁଷ୍ଠାନ ସମେତ ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ, ବାର ଆଣ୍ଡ ରେଷ୍ଟୁରାଣ୍ଟ, ଶପିଂମଲରେ ଅଗ୍ନିନିରାପତ୍ତା ସମ୍ପର୍କିତ ବିଭିନ୍ନ ଉପକରଣକୁ ଯାଞ୍ଚ କରିଥିଲେ। କୌଣସି ସ୍ଥାନରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ଘଟିଲେ, ବିପଦରେ ପଡିଲେ ୧୧୨କୁ ଡାଏଲ କରିବା ଲାଗି ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ଗତବର୍ଷ ଖୋର୍ଦ୍ଧା ବ୍ଲକ ପରିସରରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳିପୋଡି ପାଉଁଶ ହୋଇଯାଇଥିଲା। ତେବେ ଏକାଧିକ ଘରୋଇ କ୍ଲିନିକ୍, ବ୍ୟାଙ୍କ, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, କଲ୍ୟାଣ ମଣ୍ଡପ, ମଦ ଦୋକାନ ଏବଂ ହୋଟେଲରେ ବର୍ଷ ବର୍ଷ ଧରି ବିନା ନିରାପତ୍ତା ବ୍ୟବସ୍ଥାରେ ଚାଲିଥିବା ବେଳେ ଜିଲା ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରରେ କେତୋଟି ଅନୁଷ୍ଠାନର ନିରାପତ୍ତା ସଂକ୍ରାନ୍ତୀୟ ଅନୁମତି ନେଇଥିବା ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ କୌଣସି ଉତ୍ତର ଦେଇନଥିଲେ ମଧ୍ୟ ଯାଞ୍ଚ ପରେ ନୋଟିସ କରାଯିବ ବୋଲି ସୂଚନା ଦେଇଛନ୍ତି।





ଅଗ୍ନିଶମ କର୍ମଚାରୀମାନେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

### ସରକାରୀ କାର୍ଯ୍ୟାଳୟରେ ନିରାପତ୍ତା ବ୍ୟବସ୍ଥା ନାହିଁ

ଖୋର୍ଦ୍ଧା ସହରରେ ଏକାଧିକ ଶପିଂମଲ, ହୋଟେଲ, ବାର ଆଣ୍ଡ ରେଷ୍ଟୁରାଣ୍ଟ, ୧୫ରୁ ଊର୍ଦ୍ଧ୍ୱ କଲ୍ୟାଣ ମଣ୍ଡପ, ଯାତ୍ରୀ ନିବାସ, ସୁନା ଅଳଙ୍କାର ଦୋକାନ, ଔଷଧ ଦୋକାନ, ପନିପରିବା ଗୋଦାମ, ଘରୋଇ ଫାଇନାନ୍ସ ସଂସ୍ଥା, ଏକାଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମଧ୍ୟ ନିରାପତ୍ତା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଏକାଧିକ ଜିଲା ସ୍ତରୀୟ କାର୍ଯ୍ୟାଳୟ, ଘରୋଇ ଏବଂ ସରକାରୀ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଜଣାପଡିଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ନିରାପତ୍ତା ବ୍ୟବସ୍ଥା ରହିଛି। ତେବେ ଗ୍ୟାସ ସିଲିଣ୍ଡର ସମୟ ଅବଧି ସରିବା ପରେ ମଧ୍ୟ ପଞ୍ଜୀକରଣ କରାଯାଇନାହିଁ। ମେଡିକାଲର ନିରାପତ୍ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ସାଇକେଲିଂରେ ପରିବେଶ ସଚେତନତା ବାର୍ତ୍ତା**

ପୁରୀ ଅଫିସ, : ଭୁବନେଶ୍ୱର ସାଇକେଲିଂ ଆଣ୍ଡ୍ ଆଡଭେଞ୍ଚର କ୍ଲବ୍ ପକ୍ଷରୁ ସାଇକେଲିଂ ମାଧ୍ୟମରେ ପରିବେଶ ସଚେତନତା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରାଯାଇଛି। କ୍ଲବର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାଇକେଲ ଯୋଗେ ଭୁବନେଶ୍ୱରରୁ ବାହାରି ରବିବାର ବିଳମ୍ବିତ ରାତିରେ ପୁରୀରେ ପହଞ୍ଚି ଶ୍ରୀପତିତପାବନଙ୍କ ଦର୍ଶନ କରିଛନ୍ତି। ସାଇକେଲ ଚାଳନା ଦ୍ୱାରା ପରିବେଶ ପ୍ରଦୂଷଣରୁ ମୁକ୍ତ ରହିବା ସହ ଶରୀର ଫୁର୍ତ୍ତି ଓ ସ୍ୱାସ୍ଥ୍ୟ ଉତ୍ତମ ରହିବ ବୋଲି ସଦସ୍ୟମାନେ କହିଛନ୍ତି। ଏଥିସହ ଭୁବନେଶ୍ୱରରୁ ପୁରୀ ଆସିବା ବାଟରେ ଅନେକ ଲୋକଙ୍କୁ ସଚେତନ କରାଇଥିବା ସଦସ୍ୟମାନେ କହିଛନ୍ତି। ସେମାନେ ମୋଟ ୧୬୫ କିଲୋମିଟର ଯାତ୍ରା କରିବେ। ପୁରୀରୁ ସେମାନେ ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା କରିଥିଲେ।




୧୬।୫।୨୦୨୨

| | |
|---|---|
| ୮,୩୪,୮୧୦ ଟଙ୍କା | |
| ସୁନା | ୩.୧୬୦ ଗ୍ରାମ |
| ରୁପା | ୩୭.୫୦୦ ଗ୍ରାମ |

# ଗୋପାଳ ଜୀଉ, ଜଗନ୍ନାଥ ପୀଠ ହେବ ସୌନ୍ଦର୍ଯ୍ୟକରଣ

**ଖୋର୍ଦ୍ଧା ଅଫିସ,୧୬।୫**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧାର ଶ୍ରୀଗୋପାଳ ଜୀଉ ଓ ଶ୍ରୀଜଗନ୍ନାଥ ପୀଠର ସୌନ୍ଦର୍ଯ୍ୟକରଣ କରାଯିବ। ଭକ୍ତଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଯିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଟୁଇଟ କରି ଜଣାଇଛନ୍ତି। ସୋମବାର ଜିଲାପାଳ ମହାପାତ୍ର ମନ୍ଦିର ପରିଦର୍ଶନ ସହ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ଏହି ଐତିହାସିକ ସ୍ଥାନ ସମ୍ପର୍କରେ ପରିଚାଳନା କମିଟି, ଗବେଷକ, ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ଐତିହ୍ୟ କୀର୍ତ୍ତିରାଜି ସଂରକ୍ଷଣ ଏବଂ ବିକାଶ ପାଇଁ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

ଖୋର୍ଦ୍ଧା-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକ ପଞ୍ଚ ପାଇକ ପ୍ରତିମୂର୍ତ୍ତି ଠାରୁ ଦୁଇ ଶହ ମିଟର ଦୂରରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଲୀଳାକ୍ଷେତ୍ର। ଗଡ଼ଖୋର୍ଦ୍ଧା ଠାରେ ମହାପ୍ରଭୁ ୩ଥର ପଦାର୍ପଣ କରିଛନ୍ତି। ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଏହି ମନ୍ଦିରକୁ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପୁନଃ ନିର୍ମାଣ କରିଥିଲେ। ଏହି ଐତିହ୍ୟ ସମ୍ପନ୍ନ ମନ୍ଦିର ଏବେ ବି ସମାଜର ଆଢୁଆଳରେ ରହିଛି। ଗଜପତି ପ୍ରଥମ ରାମଚନ୍ଦ୍ରଦେବ ୧୫୬୮ରେ ଗଡ଼ଖୋର୍ଦ୍ଧାରେ ନିଜର ଦୁର୍ଗ ପ୍ରତିଷ୍ଠା କରିଥିଲେ। ପରେ ୧୫୭୫ରେ କୁଜଙ୍ଗ ଗଡରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧା ସ୍ଥିତ ମନ୍ଦିରରେ ନବକଳେବର କରାଇ (କଳାପାହାଡ଼ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ) ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ଏହି କାର୍ଯ୍ୟ ପାଇଁ ରାମଚନ୍ଦ୍ର ଦେବ ପ୍ରଶଂସିତ ହେବା ସହ ଶ୍ରୀମନ୍ଦିର ସେବାୟତ, ୧୬ଶାସନ ବ୍ରାହ୍ମଣ ତାଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ବିଭୂଷିତ କରିଥିଲେ ବୋଲି ଐତିହାସିକ କେଦାର ନାଥ ମହାପାତ୍ରଙ୍କ ଖୁରୁଧା ଇତିହାସ ପୁସ୍ତକରେ ରହିଛି। ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ୧୬୦୭ରେ ମୋଗଲ ଆକ୍ରମଣ ଯୋଗୁ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିରରୁ ଏଠାକୁ ସ୍ଥାନାନ୍ତର ହୋଇ ୩ମାସ ୪ଦିନ ଅବସ୍ଥାନ କରିଥିଲେ। କାଳିଆ ସାଆନ୍ତ ଏଠାରେ ଗୁପ୍ତ ଭାବେ ପୂଜା ପାଉଥିଲେ। ମାଦଳା ପାଞ୍ଜିରେ ଏହି ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ, ସେବକ ପରମେଶ୍ୱରଙ୍କୁ ନେଇ ଖୁରୁଧାରେ ଗୋପାଳ ଦେଉଳେ ବିଜେ କରାଇଥିଲେ। ତେଣୁ ଏହି ଗୋପାଳ ମନ୍ଦିର ସମଗ୍ର ହିନ୍ଦୁ ସମାଜ ପାଇଁ ପରମପାବନ ତୀର୍ଥକ୍ଷେତ୍ର। ଭକ୍ତ ସାଲବେଗ ଏଠାରେ ପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଥିଲେ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି। ପରବର୍ତ୍ତୀ ସମୟରେ ଦ୍ୱିତୀୟ ରାମଚନ୍ଦ୍ରଦେବଙ୍କ ସମୟରେ ତକି ଖାଁ ଖୋର୍ଦ୍ଧା ଆକ୍ରମଣ ସମୟରେ ଗଜପତି ଓ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାବିଗ୍ରହ ବୋଲଗଡ଼ରେ ଅବସ୍ଥାନ କରିଥିଲେ। ସେଠାରୁ ପୁନଶ୍ଚ ପୁରୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଏହି ଗୋପାଳ ମନ୍ଦିରରେ ଅବସ୍ଥାନ କରିଥିଲେ। ଏହି ପ୍ରସଙ୍ଗ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକ ଏବଂ ବୋଲଗଡ଼ର ଇତିହାସ ଲେଖକ ରବୀନ୍ଦ୍ର କୁମାର ପରିଡାଙ୍କ ପୁସ୍ତକରେ ଉଲ୍ଲେଖ ରହିଛି। ଡ. ହରେକୃଷ୍ଣ ମହତାବଙ୍କ ହିଷ୍ଟ୍ରି ଅଫ ଓଡ଼ିଶା ଏବଂ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ରଚିତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଉପନ୍ୟାସ ନୀଳଶୈଳରେ ଉଲ୍ଲେଖ ରହିଥିବା ଗବେଷକ ଗୋପାଳକୃଷ୍ଣ ଦାସ କହିଛନ୍ତି।



ପୁରୀ ଷ୍ଟେଶନ ରୋଡସ୍ଥିତ ବୁଦ୍ଧମନ୍ଦିର ପରିସରରେ ବୁଦ୍ଧ ପୂର୍ଣ୍ଣିମା ପାଳନ ଅବସରରେ ଅନାମ ଚନ୍ଦ୍ର ସାହୁଙ୍କ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ରଥଖଳାରୁ

## ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ ଜାରି



**ପୁରୀ ଅଫିସ, ୧୬।୫**

ରଥ ନିର୍ମାଣରେ ନିୟୋଜିତ ଥିବା କାରିଗର ତଥା ସେବକମାନଙ୍କ ହାତୁଡ଼ି ଓ ନିହାଣ ଶବ୍ଦରେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ବିଶ୍ୱକର୍ମା ମହାରଣା, ଭୋଇ ସେବକ, ରୂପକାର ଏବଂ ଓଝା ସେବକମାନେ ଅତି ନିଷ୍ଠା ସହକାରେ ରଥ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ତିନିରଥର ରୂପକାର ସେବକମାନେ ୧୨ଟି ଗୁଜ କାଠରେ ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ ଜାରି ରଖିଛନ୍ତି। ଏତଦ୍‌ବ୍ୟତୀତ ତିନିରଥର ମହାରଣାମାନେ ଗୁଜ, କୁଡୁକା, ଜଳଯନ୍ତ୍ର, ତୀଖ ଗୁଜ ନିର୍ମାଣ କରୁଛନ୍ତି। ରବିବାର ତିନିରଥର ଗୋଟିଏ ଗୋଟିଏ ଡୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଯନ୍ତାଗାଡ଼ଠାରେ ଭୋଇସେବକଙ୍କ ଦ୍ୱାରା ଅନୁକୂଳ ପୂର୍ବକ ସମ୍ପନ୍ନ ହେବା ପରେ ଅର ସଂଯୋଗ ଡୁମ୍ବଗୁଡ଼ିକୁ ରଥଖଳାରେ ଡୁମ୍ବବିନ୍ଧ କାରିଗରଙ୍କୁ ଯୋଗାଇବା ପରେ ଡୁମ୍ବବିନ୍ଧ କାରିଗର ଡୁମ୍ବରେ ବିନ୍ଧ କରିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଡୁମ୍ବରେ ସଂଯୋଗ ପାଇଁ ପନ୍ଦାରୀ, ବଳା ସହ ଅରକଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି। କମାରଶାଳାରେ ଓଝା ସେବକମାନେ ତିନି ରଥ ପାଇଁ ଆବଶ୍ୟକ ୪୨ଡୁମ୍ବର ୪୨ ଯୋଡ଼ା ପନ୍ଦାରୀ ଏବଂ ଅର କଣ୍ଟା ପ୍ରସ୍ତୁତି କରୁଛନ୍ତି। ତ୍ରୟୋଦଶ ଦିବସରେ ରଥ ନିର୍ମାଣ କାର୍ଯ୍ୟରେ ୭୭ ଜଣ ମହାରଣା, ୬୭ ଭୋଇ ସେବକ, ୪ କରତି ସେବକ, ଜଣେ ଡୁମ୍ବ ବିନ୍ଧ କାରିଗର, ୨ଜଣ ପାହି ମହାରଣା, ୧୭ ରୂପକାର ସେବକ, ୧୨ ଓଝା ସେବକ ଏବଂ ଜଣେ ରଥଖଳା ସେବକଙ୍କୁ ମିଶାଇ ମୋଟ ୧୮୧ ଜଣ କାରିଗର ନିୟୋଜିତ ଥିଲେ।

## ସଂକ୍ଷେପରେ

### ମହିଳା କିରାଣିଙ୍କୁ ପ୍ରଧାନ ଶିକ୍ଷକଙ୍କ ଦୁର୍ବ୍ୟବହାର ଅଭିଯୋଗ

ଗୋପ, ୧୬।୫(ଡି.ଏନ୍.ଏ.)- ଗୋପ ବ୍ଲକ ଅଞ୍ଚଳର ଏକ ବିଦ୍ୟାଳୟର ଜଣେ ମହିଳା କିରାଣିଙ୍କୁ ପ୍ରଧାନ ଶିକ୍ଷକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ କିରାଣି ଜଣକ ଥାନାଠାରୁ ଆରମ୍ଭ କରି ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଉ ନାହାନ୍ତି। ଫଳରେ ନ୍ୟାୟ ଦାବିରେ ମହିଳା କିରାଣି ବିଦ୍ୟାଳୟ ସମ୍ମୁଖରେ ବସି ରହିଛନ୍ତି। ପ୍ରକାଶ ଯେ, ଗୋପର ଏକ ବିଦ୍ୟାଳୟରେ ଉକ୍ତ ମହିଳା କିରାଣି ଭାବେ କାର୍ଯ୍ୟ କରନ୍ତି। ହେଲେ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ବିଭିନ୍ନ ସମୟରେ ହଇରାଣ କରିଆସୁଥିଲେ। ଏ ନେଇ ମହିଳା ପ୍ରଥମେ ଥାନା ଦ୍ୱାରସ୍ଥ ହେବା ସହ ପରେ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗକୁ କିଛିଦିନ ବିତିଯାଇଥିଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଫଳରେ ନ୍ୟାୟ ପାଇଁ ମହିଳା କିରାଣି ଏବେ କିଛିଦିନ ହେବ ସ୍କୁଲ କାର୍ଯ୍ୟାଳୟ ଗେଟ ସମ୍ମୁଖରେ ବସି ରହୁଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ସେଭଳି କୌଣସି ଅଭିଯୋଗ ନାହିଁ। ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଥିଲେ।

### ଚଢ଼ାଉ: ୧୫ ଦିନରେ ୯ ଗିରଫ ୩ଶହ ବୋତଲ ମଦ ଜବତ

ନିମାପଡ଼ା,୧୬।୫(ଡି.ଏନ୍.ଏ.): ପୁରୀ ଏସ୍‌ପି କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ନିମାପଡା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିମାପଡ଼ା ଅଞ୍ଚଳର ବିଭିନ୍ନ ଛକ, ବଜାର ଉପରେ ଚଢ଼ାଉ କରାଯାଇ ଗତ ୧୫ ଦିନ ମଧ୍ୟରେ ୯ଜଣଙ୍କୁ ଗିରଫ ସହ ମୋଟ ୩ ଶହ ବୋତଲ ମଦ ଜବତ କରାଯାଇଛି। ଗିରଫ ୯ଜଣଙ୍କ ବିରୋଧରେ ନିମାପଡ଼ା ଥାନାରେ ୯ଟି ମାମଲା ରୁଜୁ କରାଯାଇଛି। ଜବତ ମଦର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ହେବ । ସେହିପରି ଦୋଳବେଦି ଛକ, ହାଟ ଛକ, ବ୍ଲକ ଛକ, ବାରବାଟୀ ପଡିଆ, ଡେଲ୍‌ଟା ଛକ ସମେତ ବିଭିନ୍ନ ସର୍ବସାଧାରଣ ଜାଗାରେ ବସି ମଦ୍ୟପାନ କରୁଥିବା ଯୁବକଙ୍କୁ ସାବାଡ କରିବାକୁ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା, ଯାନବାହନ ଯାଞ୍ଚ, ରାତି ୧୦ ପୂର୍ବରୁ ସମସ୍ତ ହୋଟେଲ ଢାବା ବନ୍ଦ, ଚୋରା ମାଦକ ଦ୍ରବ୍ୟ କାରବାରକୁ ଦୃଢ଼ ଭାବେ ପ୍ରତିହତ, ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘ ଦିନ ଧରି ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ଆଇଆଇସି ଦଳେଇ କହିଛନ୍ତି।

### ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

ପୁରୀ ଅଫିସ, ୧୬।୫: ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସମୁଦ୍ରକୂଳ ଥାନା ପୋଲିସ ସୋମବାର ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଲିନୋଳିଆ ସାହିର କାଳନ୍ଦୀ ଚରଣ ଦାସ, ରାହୁଲ ଦାସ, ଏସ୍. ରବି ରାଓ, ଜି. ଶଙ୍କର ରାଓ ଏବଂ ଡି. ସୁରେଶ ବେହେରା। ଏମାନଙ୍କ ନିକଟରୁ ପୋଲିସ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୧୨/୨୨) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଏକ ଛାପା ଗଣମାଧ୍ୟମର ଖବରଦାତା ବିକ୍ରମ କେଶରୀ ଆଚାର୍ଯ୍ୟ ରବିବାର ରାତି ପ୍ରାୟ ୧ ଟା ୩୫ରେ ଖବର ସଂଗ୍ରହ କରିବାକୁ ଯାଇଥିଲେ। ହୋଟେଲ ଭିକ୍ଟୋରିଆ ନିକଟରେ ଫାଷ୍ଟଫୁଡ ଦୋକାନୀ ରାହୁଲ ଦାସ ଦୁଇଜଣ ପର୍ଯ୍ୟଟକଙ୍କ ଠାରୁ ଖାଦ୍ୟ ଦେବାକୁ କହି ଟଙ୍କା ନେଇଯାଇଥିଲେ, ମାତ୍ର ଖାଦ୍ୟ ଦେଇ ନ ଥିଲେ ଓ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ବିକ୍ରମ ଖବର ସଂଗ୍ରହ କରୁଥିବା ସମୟରେ ଗିରଫ ୫ ଅଭିଯୁକ୍ତଙ୍କ ସହ ଆଉ ୩ ଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନାମୁଦି ନେଇଯାଇଥିଲେ।

## ଏମ୍‌ପିଙ୍କ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ନେଇ ବିବାଦ

**ଗୋପ,୧୬।୫(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତିଙ୍କୁ ବ୍ଲକ ସମ୍ମୁଖରେ ବିଭିନ୍ନ ଧମକ ଦେବା ସହ ଦୁର୍ବ୍ୟବହାରକୁ ନେଇ ବିବାଦ ବଢିବାରେ ଲାଗିଛି। ପ୍ରକାଶ ଯେ, କିଛିଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ବିଜେଡି ଦଳରେ ବିବାଦ ଦେଖାଦେଇଥିବା ବେଳେ ଗତ ୧୨ ତାରିଖରେ ଜଣେ ଯୁବ ବିଜେଡି କର୍ମୀ ଗୋପ ବ୍ଲକ ସମ୍ମୁଖରେ ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତିଙ୍କୁ ସର୍ବସମ୍ମୁଖରେ କୌଣସି କାରଣକୁ ନେଇ ବିଭିନ୍ନ ଧମକ ଦେଇଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେକ ବିଜେଡି କର୍ମୀ ଉପସ୍ଥିତ ଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏ ନେଇ ଏମ୍‌ପିଙ୍କ ପ୍ରତିନିଧି ମହାନ୍ତି ଗୋପ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। କିନ୍ତୁ ଗଣଶିକ୍ଷାମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ଏକ ୪ ଜଣିଆ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଏହାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ହେଲେ ୧୪,୧୬ ତାରିଖରେ ଏହି ବିବାଦର ସମାଧାନ ହୋଇପାରି ନାହିଁ। ସୋମବାର ଏହି ବିବାଦର ସମାଧାନ ହେବାକୁ ଥିବାବେଳେ ଦୁର୍ବ୍ୟବହାର କରିଥିବା ଦଳୀୟ କର୍ମୀ ନ ଥିବାରୁ ସମାଧାନ ହୋଇପାରି ନାହିଁ। ଫଳରେ ଏହାକୁ ନେଇ ଗ୍ରାମରେ ବିବାଦ ସହ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ମନ୍ତ୍ରୀ ଦାଶ କହିଛନ୍ତି, ଘଟଣାକୁ ଗୁରୁତର ଭାବେ ଦଳ ନେଇଛି। ଖୁବ୍‌ଶୀଘ୍ର ତଦନ୍ତ କରି ଦୁର୍ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ନିମାପଡ଼ା କୋର୍ଟ ଖୋଲିବାରେ ପୂର୍ଣ୍ଣଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ

**ନିମାପଡ଼ା,୧୬।୫(ଡିଏନ୍.ଏ.):**

ନିମାପଡ଼ା ବାର୍ ଆସୋସିଏଶନ୍ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ସୋମବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ଜୁଡିସିଆଲ୍ ବାର୍ ଆସୋସିଏଶନ୍‌ର ସଭାପତି ଗଙ୍ଗାଧର ନାୟକ ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବେ ନିମାପଡ଼ା କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ, ସିଭିଲଜଜ୍ ସିନିୟର ଡିଭିଜନ୍ ନୀଳିମା ପଣ୍ଡା, ମୁନ୍‌ସିଫ୍ ସ୍ୱଦେଷ୍ଣା ପଟ୍ଟନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍ଏଫ୍‌ସି) ମିଲନ ତାଣ୍ଡି, ବରିଷ୍ଠ ଆଇନଜୀବୀ ଅଶୋକ ନାୟକ, ପ୍ରଭାତ ବେହେରା, ମୃତ୍ୟୁଞ୍ଜୟ ଦାଶ, ରଣଜିତ୍ ସାହୁଙ୍କ ସମେତ ବାର ଆସୋସିଏଶନ୍ ଓ ଜୁଡିସିଆଲ ବାର୍ ଆସୋସିଏଶନ୍‌ର ବହୁ ଆଇନଜୀବୀ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନିମାପଡ଼ା କୋର୍ଟ ଖୋଲା ଯିବାରେ ସ୍ୱର୍ଗତ ମିଶ୍ରଙ୍କ ଅବଦାନ ଅତୁଳନୀୟ ବୋଲି ଆଇନଜୀବୀମାନେ ମତ ଦେଇଥିଲେ। ଏନେଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## କଲେଜ ଭିତ୍ତିଭୂମି ଅନୁଧ୍ୟାନ କଲେ ଜିଲାପାଳ

**ପୁରୀ ଅଫିସ ୧୬।୫:**

ଜିଲାପାଳ ସମର୍ଥ ବର୍ମା ସୋମବାର ସୁରଜମଲ୍ଲ ଶାହା କଲେଜ ପରିଦର୍ଶନରେ ଯାଇ ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ଶିକ୍ଷା ଓ ଶୈକ୍ଷିକ ବାତାବରଣ ସହ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମହାବିଦ୍ୟାଳୟ ପାଚେରୀ ଓ ସଂଲଗ୍ନ ରାସ୍ତା ନିର୍ମାଣ, କ୍ରୀଡ଼ା ଭିତ୍ତିଭୂମି ତଥା ଇନ୍‌ଡୋର ଓ ଆଉଟ୍‌ଡୋର୍ ଷ୍ଟାଡିୟମ୍, ସ୍ମାର୍ଟ ଶ୍ରେଣୀ ଗୃହ, ଲାବୋରେଟୋରି, ଇ-ଲାଇବ୍ରେରି ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯିବ। ଏଥିନିମନ୍ତେ ଆବଶ୍ୟକ ଜମି ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଏଥିସହ ସେ କ୍ରୀଡ଼ା ଉପକରଣ ଗୃହ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କକ୍ଷ, ପାଠାଗାର ଆଦି ବୁଲି ଦେଖିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଦ୍ଧାନ୍ତ ମୁନାଙ୍କୁ ସଂଘବଦ୍ଧ ଆକ୍ରମଣ

**ପୁରୀ ଅଫିସ, ୧୬।୫:**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଦର ଥାନା ଅନ୍ତର୍ଗତ ବାଟଗାଁ ନିକଟ ନୂଆଗାଁଠାରେ ଦୁର୍ଦ୍ଧାନ୍ତ ଅପରାଧୀ ସମଙ୍ଗରାର ମୁନା ପ୍ରଧାନ(୨୮)ଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୁନାଙ୍କ ନାମରେ ବିଭିନ୍ନ ଥାନରେ ଆପରାଧିକ ମାମଲା ରହିଛି। ସୂଚନା ଅନୁଯାୟୀ, ମୁନାଙ୍କ ବାହାଘର ନୂଆଗାଁର ଜଣେ ଯୁବତୀଙ୍କ ସହ ଠିକ୍ ହୋଇଥିଲା। ତେବେ କିଛି ମାସ ହେବ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଦେଖାଦେଇଥିଲା। ଫଳରେ ଯୁବତୀ ଜଣଙ୍କ ବିବାହ କରିବାକୁ ମନା କରିଦେଇଥିଲେ। ଏଥିରେ ମୁନା ଉତ୍‌କ୍ଷିପ୍ତ ହୋଇ ୪ ଦିନ ତଳେ ସମ୍ପୃକ୍ତ ଝିଅ ଘର ସମ୍ମୁଖରେ ବୋମା ମାଡ଼ କରିଥିଲେ। ତେବେ ମୁନା ସୋମବାର ଝିଅକୁ ଦେଖା କରିବାକୁ ଯାଇଥିବାବେଳେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁନାଙ୍କୁ ଉଦ୍ଧାର କରିବା ସହ ୩ଟି ବୋମା ଜବତ କରିଛି। ଏ ନେଇ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି। ମୁନା ଅନ୍ୟ ଦୁଇ ଜଣ ସାଙ୍ଗଙ୍କ ସହ ବୋମା ନେଇ ନୂଆଗାଁକୁ ଯାଇଥିଲେ। ସେଠାରେ କେତେଜଣ ଯୁବକଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଖସି ପଳାଇଥିବା ଜଣାପଡ଼ିଛି।

## ତୃଣମୂଳ ସ୍ତରରେ ସାଙ୍ଗଠନିକ ଅଗ୍ରଗତି




ବୈଠକରେ ବରିଷ୍ଠ ଭାଜପା ନେତା ଓ କାର୍ଯ୍ୟକାରିଣୀ କମିଟିର ସଦସ୍ୟମାନେ ।

### ଭାଜପା ପୁରୀଜିଲା କାର୍ଯ୍ୟକାରିଣୀ ବୈଠକ

**ସାକ୍ଷୀଗୋପାଳ,୧୬।୫(ସ୍ୱ.ପ୍ର):**

ଭାଜପାର ପୁରୀ ଜିଲା କାର୍ଯ୍ୟକାରିଣୀ ବୈଠକ ପଟ୍ଟନାୟିକିଆସ୍ଥିତ ଯାଯାବର ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାଜପାର ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତୃଣମୂଳ ସ୍ତରରେ ପାର୍ଟିର ସାଙ୍ଗଠନିକ ସ୍ଥିତି ଅଧିକ ମଜଭୁତ କରିବା ନିମନ୍ତେ ଜିଲାସ୍ତରୀୟ ନେତୃମଣ୍ଡଳୀ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସହ ନେତାମାନେ ଗ୍ରାମାଞ୍ଚଳରେ ଜନ ସମ୍ପର୍କ ସ୍ଥାପନ, ଲୋକମାନଙ୍କର ନିକଟତର ହୋଇ ସେମାନଙ୍କର ଆସ୍ଥା ଭାଜନ ହେବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ବିଧାୟକ ରବି ମଲ୍ଲିକ, ରାଜ୍ୟ ପ୍ରବକ୍ତା ରମାରଞ୍ଜନ ବଳିଆରସିଂ, ଓମ୍ ପ୍ରକାଶ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରାଜଲକ୍ଷ୍ମୀ ଦାସ ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଜିଲା ସଭାପତି ପଟ୍ଟନାୟକ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।



ସରନ୍ତି ସୋମବାର ଅବସରରେ ପୁରୀର ମହାପ୍ରଭୁ ଲୋକନାଥଙ୍କ ପୀଠରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ।

## ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀରସାଗର ମହୋତ୍ସବ

**ପୁରୀ ଅଫିସ, ୧୬।୫:**

ବୈଶାଖ ପୂର୍ଣ୍ଣିମା ଅବସରରେ ସୋମବାର ଶୈବପୀଠ ବାବା ଶଙ୍କରେଶ୍ୱର ମହାଦେବଙ୍କ ପୀଠରେ କ୍ଷୀରସାଗର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ୧୮ଦେଶ ପାଳନ ସମିତି, ପୁରୀର ସଭାପତି ଶଙ୍କର ବେହେରା, ଉପସଭାପତି ଗଙ୍ଗାଧର ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ଯାଦବ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଜେନା, ମୁରବି ରବି ବେହେରା, ପ୍ରଦୀପ୍ତ ବେହେରା, କବିରାଜ ବେହେରା, ଟୁଲିଆ ବେହେରା, ପ୍ରଫୁଲ୍ଲ ବେହେରା, ଶଙ୍କର ବେହେରା, ଇନ୍ଦିରା ବେହେରା, ସନିଆ ବେହେରା, ଭିକାରି ବେହେରା, ମଲୁ ଜେନା, ବିଦେଶୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀରାଭିଷେକ କରାଯାଉଛି ।

## ବୁଦ୍ଧଙ୍କ ମାର୍ଗ ଦ୍ୱାରା ଶାନ୍ତି, ଆନନ୍ଦ ମିଳିବ

**ପୁରୀ ଅଫିସ ୧୬।୫:**

ବୈଦ୍ଧିକ ଅନୁଷ୍ଠାନ ବୋଧିଚକ୍ର ଓ ପୂଜ୍ୟପୂଜା ସମନ୍ୱୟ ସମିତିର ମିଳିତ ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ଗାନ୍ଧୀ ସ୍ମୃତି ପୀଠ ପରିସରରେ ବୁଦ୍ଧପୂର୍ଣ୍ଣିମା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢୀ ଅଧ୍ୟକ୍ଷତା କରିଥିଲେ। ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ଧୂପପୁଷ୍ପାଦି ଅର୍ଘ୍ୟ ପ୍ରଦାନ କରାଯାଇ ପୂଜାର୍ଚ୍ଚନା ପରେ ସମବେତ ଧ୍ୟାନ ତ୍ରିଶରଣ ଆବୃତ୍ତି ଏବଂ ବୁଦ୍ଧ ବନ୍ଦନା ଗାନ କରାଯାଇଥିଲା। ପ୍ରାରମ୍ଭରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସଭାପତି ପାଢୀ ଧର୍ମପଦ ପୁସ୍ତକରୁ ଯମକବର୍ଗର କେତୋଟି ଗାଥା ପାଠକରି କହିଥିଲେ, ବୁଦ୍ଧ ମୂର୍ତ୍ତିପୂଜା, ଯାଗଯଜ୍ଞ, ପଶୁବଳି ଓ ଜାତିପ୍ରଥାକୁ ପ୍ରତ୍ୟାଖାନ କରିଥିଲେ। ଶୀଳପୂର୍ଣ୍ଣ ଜୀବନଚର୍ଯ୍ୟା ମାଧ୍ୟମରେ ମନୁଷ୍ୟ ଶାନ୍ତି ଓ ଆନନ୍ଦ ଲାଭ କରିପାରିବ।



ବୁଦ୍ଧ ପୂର୍ଣ୍ଣିମା ଅବସରରେ ଭକ୍ତମାନେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ମଧୁସ୍ନାନ କରୁଛନ୍ତି ।

ପୂଜ୍ୟପୂଜା ସମନ୍ୱୟ ସମିତିର ମୁଖ୍ୟ ଅତିଥି ଭାବେ ସାମାଜକ କର୍ମୀ ଚକ୍ରଧର ମହାପାତ୍ର ଯୋଗଦେଇ ବୁଦ୍ଧଙ୍କ ପଞ୍ଚଶୀଳ ନୀତି ଅନୁସରଣ କରିବାକୁ ସମବେତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମିତିର ସମ୍ପାଦକ ସିଦ୍ଧାର୍ଥ ରାୟ ସହର ମଧ୍ୟରେ କୌଣସି ଏକ ପାର୍କକୁ ବୁଦ୍ଧଙ୍କ ନାମରେ ନାମିତ କରିବା ସହ ବୁଦ୍ଧଙ୍କ ବାଣୀକୁ ପ୍ରଚାର ପ୍ରସାର କରିବାକୁ ମତ ଦେଇଥିଲେ। ଅଧ୍ୟାପକ ଡ. କାର୍ତ୍ତିକ କୁମାର ଦାଶ ମହିମା ଧର୍ମର ଲୋକପ୍ରିୟତା ଏବଂ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧିବକ୍ତା ଶିବପ୍ରସାଦ ମିଶ୍ର, ବାସୁଦେବ ସାହୁ, ଅଧ୍ୟାପିକା ବାସନ୍ତୀ ମିଶ୍ର, ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି, ଡ.ରାଧେଶ୍ୟାମ ରଥ, ହେକ୍ଟର ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ବୁଦ୍ଧମନ୍ଦିର ସଂସ୍ଥାପକ ରବିନାରାୟଣ ସାହୁ, ଅଶୋକ କୁମାର ଆଢ୍ୟ, ବିଚିତ୍ର ରଞ୍ଜନ ମହାପାତ୍ର ପ୍ରମୁଖ ବୌଦ୍ଧ ଦର୍ଶନର ମାହାତ୍ମ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସାହିତ୍ୟିକା ଓ ସଙ୍ଗଠିକା ଅନ୍ନପୂର୍ଣ୍ଣା ଦେବୀଙ୍କୁ ବୋଧିଚକ୍ର ୨୦୨୨ ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସଙ୍ଗଠକ ସମ୍ପାଦକ ଉମେଶଚନ୍ଦ୍ର ଦାସ ସମତା ଏବଂ ପାରସ୍ପାରିକତା ଭିତ୍ତିରେ ଅନୁଷ୍ଠାନକୁ ଆଗେଇ ନେବାଲାଗି ସଂକଳ୍ପ କରିଥିଲେ। ବୌଦ୍ଧଚକ୍ର ସମ୍ପାଦକ ରମାବଲ୍ଲଭ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଅନ୍ନପୂର୍ଣ୍ଣା ଦେବୀଙ୍କୁ ବୋଧିଚକ୍ର ସମ୍ମାନ

**ଧଉଳିରେ ବୁଦ୍ଧ ଜୟନ୍ତୀ**

**ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.):** ପବିତ୍ର ବୁଦ୍ଧ ଜୟନ୍ତୀ ଶାନ୍ତିସ୍ତୂପ ଧଉଳିର ବୁଦ୍ଧ ମନ୍ଦିରରେ ସୋମବାର ପାଳିତ ହୋଇଯାଇଛି। ପ୍ରାତଃରୁ ବୁଦ୍ଧଙ୍କୁ କ୍ଷୀରରେ ଅଭିଷେକ କରାଯାଇଥିଲା। ଏହି ଅବସରରେ ବୁଦ୍ଧମ୍ ଶରଣମ୍ ଗଚ୍ଛାମି ମନ୍ତ୍ରକୁ ଉଚ୍ଚାରଣ କରି ଶ୍ରଦ୍ଧାଳୁମାନେ ବୁଦ୍ଧଙ୍କୁ ସ୍ମରଣ ପୂର୍ବକ ଆଶୀର୍ବାଦ ଭିକ୍ଷା କରିଥିଲେ। ଚଳିତବର୍ଷ କୋଭିଡ କଟକଣା ନ ଥିବାରୁ ନିମାପଡା, ପୁରୀ, କଟକ ଏବଂ ବାଲିପାଟଣା ଆଦି ଅଞ୍ଚଳରୁ ପ୍ରାୟ ୨ଶହ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମାଇକେଲ ଭାଇଙ୍କ ସମେତ ମୋହନ ବେହେରା, ଅନୁପରାଜ ସିଂ, ଜୟଦେବ ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ

## ସଂକ୍ଷେପରେ

### ଟ୍ରାଫିକ୍ ପୋଲିସକୁ ଦୁର୍ବ୍ୟବହାର, ଯୁବକ ଗିରଫ

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ):** ଟ୍ରାଫିକ୍ ପୋଲିସକୁ ଦୁର୍ବ୍ୟବହାର କରିଥିବା ଜଣେ ଯୁବକଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ବାଲିଅନ୍ତା ଅଞ୍ଚଳର ପ୍ରଶାନ୍ତ କୁମାର ମହାରଣା (୩୧)। ଏନେଇ ପୋଲିସ ମାମଲା ନଂ.୨୨୩/୨୨ ରୁଜୁ କରି ପ୍ରଶାନ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱର ସହରାଞ୍ଚଳରେ ମଦ୍ୟପାନ କରି ଗାଡି ଚଲାଉଥିବା ବ୍ୟକ୍ତିଙ୍କୁ ଧରିବା ଲାଗି ଯାଞ୍ଚ ସହ ଜରିମାନା ଆଦାୟ କରାଯାଉଛି। ଗତ ରବିବାର ରାତି ୮ଟାରେ କେଶୁରା ଛକରେ ଟ୍ରାଫିକ କର୍ମଚାରୀ ଜ୍ଞାନ ରଞ୍ଜନ ନାୟକ ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ବାଇକରେ ଆସୁଥିବା ପ୍ରଶାନ୍ତଙ୍କୁ ସେ ଅଟକାଇ ଯାଞ୍ଚ କରୁଥିବା ବେଳେ ସେ ତାଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ।

### ୩ ଚୋରି ମୋବାଇଲ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ମୋବାଇଲ ଫୋନ୍ ଚୋରି କରୁଥିବା ଜଣେ ଯୁବକଙ୍କୁ ବଡ଼ଗଡ଼ ଥାନା ପୋଲିସ ଗିରଫ କରିଛି। ସେ ହେଲେ ମହିଷାଖାଲ ଅଞ୍ଚଳରେ ରହୁଥିବା ନୟାଗଡର ରକି ପ୍ରଧାନ(୨୧)। ଏଥିସହ ତାଙ୍କଠାରୁ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୩୧୭/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ରକି ଜଣେ ପେସାଦାର ଅପରାଧୀ। ତାଙ୍କ ନାଁରେ ପୂର୍ବରୁ ୨୦୨୧ରେ ଲକ୍ଷ୍ମୀସାଗର ଓ ଲିଙ୍ଗରାଜ ଥାନାରେ ଗୋଟିଏ ଲେଖାଏ ଏବଂ ୨୦୨୨ରେ କଟକ ଜିଆର୍‌ପି ଥାନାରେ ମଧ ଗୋଟିଏ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

### ବିଜୟ୍ କେତନଙ୍କ ମାତୃ ବିୟୋଗ

**ଭୁବନେଶ୍ୱର,୧୬।୫:** ଦିଲ୍ଲୀର ବିଶିଷ୍ଟ ଉଦ୍ୟୋଗପତି ତଥା ଗଣମାଧମ ବ୍ୟକ୍ତିତ୍ୱ ବିଜୟ୍ କେତନ ବାରିକଙ୍କ ମା' ସାବିତ୍ରୀ ବାରିକଙ୍କ ନିକଟରେ ନୂଆଦିଲ୍ଲୀସ୍ଥିତ ବାସଭବନରେ ମୃତ୍ୟୁ ଘଟିଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସାବିତ୍ରୀଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବିଜୟ୍ କେତନ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି, ପୁଅ ବିଶ୍ୱଜିତ୍, ବୋହୂ ସିଦ୍ଧବୀ ଏବଂ ଝିଅ ଶ୍ୱେତା ଉପସ୍ଥିତ ଥିଲେ। ବହୁ ପ୍ରବାସୀ ଓଡ଼ିଆ ଏବଂ ଅଣ ଓଡ଼ିଆ ତାଙ୍କ ଶେଷ ଦର୍ଶନ କରିଥିଲେ। ସାବିତ୍ରୀଙ୍କ ଘର କେନ୍ଦ୍ରାପଡ଼ା ଜିଲା ବରୁଣାଡ଼ିଆ ଗ୍ରାମରେ। ବିଜୟ୍ କେତନଙ୍କ ବାପା ସ୍ୱର୍ଗତ ବନମାଳି ବାରିକ ଦିଲ୍ଲୀର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ।

### ଭଗବତ ବାସୁଦେବ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

**ବାରଙ୍ଗ,୧୬।୫(ଡି.ଏନ୍.ଏ.):** ମେଣ୍ଢାଶାଳ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ଭଗବତ ବାସୁଦେବଙ୍କ ମନ୍ଦିରରେ ଏକବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୪ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶୀଳା ମଣ୍ଡନ, ଦେବତା ଆବାହନ, ଅଗ୍ନି ସ୍ଥାପନ, ରୁଦ୍ରାଭିଷେକ, ଶ୍ରୀମଦ୍ ଭାଗବତ ଗୀତାଯଜ୍ଞ ସହ ଚନ୍ଦନ ପୂର୍ଣ୍ଣମାରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଯାଇଛି। ବାଙ୍କବିହାରୀ ଦାସ କର୍ତ୍ତା ଥିବାବେଳେ ଆଚାର୍ଯ୍ୟ ରମେଶ ଚନ୍ଦ୍ର କର, ବିଭୂତି ଭୂଷଣ ରଥ, ଆଲୋକ କୁମାର ପାଟଯୋଶୀ, ଦୁର୍ଗାପ୍ରସାଦ ଦାସ ପ୍ରମୁଖ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ।

# ଚଢ଼ାଉବେଳେ ପୋଲିସକୁ ଆକ୍ରମଣ

**ବାଲିପାଟଣା,୧୬।୫(ଡି.ଏନ୍.ଏ.)**

- ଦୁର୍ବ୍ୟବହାର ଅଭିଯୋଗ ଆଣି ରାସ୍ତାରୋକୋ
- ସମିତିସଭ୍ୟଙ୍କ ସମେତ ୬ ଗିରଫ


ନରଦା ବଜାରରେ ରାସ୍ତାରୋକୋ କରାଯାଇଛି।

ଚୋରାରେ ମଦ ବିକ୍ରି କରୁଥିବା ଦୋକାନ ଉପରେ ଚଢ଼ାଉ ବେଳେ ପୋଲିସଙ୍କୁ ଆକ୍ରମଣ ହୋଇଛି। ଏଥିସହ ମଦ ବେପାର କରୁଥିବା ଦୋକାନୀଙ୍କ ପରିବାର ଓ ସମର୍ଥକମାନେ ରାସ୍ତାରୋକୋ କରିଥିଲେ। ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ ନରଦା ବଜାରରେ ଏପରି ଘଟଣା ଦେଖିବାକୁ ମିଳିଛି। ଏହି ଘଟଣାରେ ସୋମବାର ପୋଲିସ ୬ଜଣଙ୍କୁ ଗରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡୁରିଣ୍ଡିରା ପଞ୍ଚାୟତର ସମିତିସଭ୍ୟ ସନାତନ ସେଠୀ, ନରଦା ଅଞ୍ଚଳର ବିନୟ ମହାରଣା, ପୁଷ୍ପଲତା ସାହୁ, ଯୋଗେନ୍ଦ୍ର ସାହୁ, ପୀର ସେଠୀ ଓ ସୁରେନ୍ଦ୍ର ସେଠୀ। ତେବେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି।

ସୂଚନା ମୁତାବକ, ନରଦା ବଜାରରେ ଦୀର୍ଘଦିନ ହେବ ଚୋରା ମଦ କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ଙ୍କ ନେତୃତ୍ୱରେ ରବିବାର ରାତିରେ ଏକ ଟିମ୍ ନରଦା ବଜାରରେ ଥିବା ବଳରାମ ସାହୁ ଓରଫ ଗାଣ୍ଡୁଙ୍କ ଦୋକାନରେ ଚଢ଼ାଉ କରିବା ସହ ମଦ ଜବତ କରିଥିଲା। ଏହାକୁ ବିରୋଧ କରି ଦୋକାନୀଙ୍କ ପରିବାର ଓ ସମର୍ଥକମାନେ ପୋଲିସଙ୍କୁ ଆକ୍ରମଣ କରିବା ସହ ଗାଳିଗୁଲଜ କରି ମଦ ଛଡ଼ାଇ ନେଇଥିଲେ। ଏହା ପରେ ପୋଲିସ ଟିମ୍ ଫେରି ଆସିଥିଲା। ତେବେ ମଦ ଜବତ ବେଳେ ପୋଲିସ ଓ ମଦ ବେପାରୀ ମୁହାଁମୁହିଁ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆଣି ସୋମବାର ସକାଳେ ଚୋରା ମଦ ଦୋକାନୀ ଓ ସେମାନଙ୍କ ପରିବାର, ସମର୍ଥକମାନେ ନରଦା ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ୬ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ପୋଲିସଙ୍କୁ ଆକ୍ରମଣ ଘଟଣାରେ ଏକ ମାମଲା (ନଂ.୧୨୭/୨୨)ରଜୁ ହୋଇଥିବା ବେଳେ ରାସ୍ତାରୋକୋ ଘଟଣାରେ ଆଉ ଏକ ମାମଲା (ନଂ.୧୨୮/୨୨)ରୁଜୁ ହୋଇଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବରାଡ଼ କହିଛନ୍ତି।

## ମହାନଦୀରେ ବୁଡ଼ି ଜଣେ ମୃତ

**ଚୌଦ୍ୱାର,୧୬।୫(ଡି.ଏନ୍.ଏ.)**

ମହାନଦୀର ଚଷାପଡ଼ା ଘାଟରେ ରବିବାର ରାତିରେ ନଦୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚଷାପଡ଼ା ଗ୍ରାମର ବସନ୍ତ ସ୍ୱାଇଁ(୫୫)। ପରିବାର ଲୋକଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ଟିପିଏମ୍ ଫାଣ୍ଡୀ ପୋଲିସ ଏସଂକ୍ରାନ୍ତରେ ଚୌଦ୍ୱାର ଥାନାରେ ଏକ ମାମଲା (ନଂ.୧୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବସନ୍ତ ରବିବାର କାମ ସାରି ଘରକୁ ଫେରିବା ପରେ ରାତିରେ ନଦୀକୁ ଯାଇ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ସନ୍ଦେହ କରି ନଦୀ ନିକଟକୁ ଯାଇଥିଲେ। ଫଳରେ ବସନ୍ତ ନଦୀରେ ଭାସୁଥିବା ଦେଖି ଉଦ୍ଧାର କରି ମେଡିକାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି ।

## ସଂସ୍କୃତି ବିଭାଗ ପକ୍ଷରୁ ପୂଜ୍ୟପୂଜା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ବରପୁତ୍ରମାନଙ୍କର ପୂଜ୍ୟପୂଜା କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ପ୍ରଜାମେଳି ନେତା ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ୮୮ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଥିଲା। ବିଭାଗ ପକ୍ଷରୁ ଜୟଦେବ ବିହାର ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେହିପରି ଅଲ୍‌ଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୮ତମ ଜୟନ୍ତୀ ନୀଳାଦ୍ରି ବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳଠାରେ, ବାମଣ୍ଡାର ମହାରାଜା ସାର ବାସୁଦେବ ସୁଢଳଦେବଙ୍କ ୧୭୩ତମ ଜୟନ୍ତୀ ଏଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀଠାରେ ଏବଂ ଗୌତମ ବୁଦ୍ଧଙ୍କ ଜୟନ୍ତୀ ବୁଦ୍ଧ ମନ୍ଦିର ପରିସରରେ ପୁଷ୍ପମାଲ୍ୟ ଓ ଦୀପଦାନ ପ୍ରଦାନ ପୂର୍ବକ ଅନୁଷ୍ଠିତ ହୋଇଥିଲା। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟବ୍ରତ ଜେନା, ଭୂୟାଁ ସମାଜ ପକ୍ଷରୁ ବିଜୟ ନାଏକ, ମାନସୀ ନାଏକ, ସାମାଜିକ କର୍ମୀ ସନାତନ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ରାଜଧାନୀରେ ପୁଣି ସିରିଜ୍ ଦୁର୍ଘଟଣା



**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

**ଟ୍ରକ ଜବତ, ଡ୍ରାଇଭର ନାମରେ ମାମଲା**

ନୟାପଲ୍ଲୀ ଥାନା ଅନ୍ତର୍ଗତ କ୍ରାଉନ୍ ହୋଟେଲ ସାମ୍ନା ଜାତୀୟ ରାଜପଥରେ ସୋମବାର ରାତିରେ ସିରିଜ୍ ଦୁର୍ଘଟଣା ଘଟିଛି। ଖଣ୍ଡଗିରି ପଟୁ ଆସୁଥିବା କାରକୁ ଏକ ଟ୍ରକ୍ ଧକ୍କା ଦେବା ପରେ ଗୋଟିଏ ମୋ ବସ୍ ଓ ଅନ୍ୟଏକ କାର୍ ମଧ ଦୁର୍ଘଟଣାର ଶିକାର ହୋଇଛି। ଟ୍ରକ୍‌ଟି ପ୍ରଥମେ କାର୍‌କୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ମୋ ବସ୍ ପଛରେ ପିଟି ହୋଇଥିଲା। ଏହାପରେ ମୋ ବସ୍‌ଟି ସମ୍ମୁଖରେ ଯାଉଥିବା କାରକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଟ୍ରକ୍ ଧକ୍କାରେ ବାଲେନୋ କାର୍‌ଟି ୫୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ଅନ୍ୟଗାଡିର ମଧ କ୍ଷତି ଘଟିଛି। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କେହି ଆହତ ହୋଇନାହାନ୍ତି। ପ୍ରଶାନ୍ତି ବିହାରରେ ରହୁଥିବା ବାଲେନୋ କାର୍ ମାଲିକ ବ୍ରହ୍ମପ୍ରକାଶ ପାଇତାଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୩୩୫/୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରାଯିବା ସହ ସମ୍ପୃକ୍ତ ଡ୍ରାଇଭର ପ୍ରତାପ ଗୌଡ଼ଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ନୟାପଲ୍ଲୀ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

**ବାଲକାଟୀ/ବାଲିଅନ୍ତା,୧୬।୫(ଡି.ଏନ୍.ଏ.)**

**୩ ବାଇକ୍, ଜୁଆ ଖେଳ ସାମଗ୍ରୀ, ଲକ୍ଷାଧିକ ଟଙ୍କା ଜବତ**

ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଏକ ଟିମ୍ ସହ ରବିବାର ବିଳମ୍ବିତ ରାତିରେ ତୋଲକପଡା ଗ୍ରାମ ନିକଟ ଧାନୁଆ ନଦୀକୂଳର ଏକ ଜଙ୍ଗଲିଆ ସ୍ଥାନରେ ଥିବା ଜୁଆ ଆଡା ଉପରେ ଅତର୍କିତ ଭାବେ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିବା ପରେ ସୋମବାର କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଗୋତଲଗ୍ରାମର କାଳନ୍ଦୀ ପ୍ରଧାନ(୨୯) ଓ ଅନାମ ନାଥ(୨୯), ଭିଙ୍ଗାରପୁରର ଶଙ୍କର ସାହୁ(୫୩), ବାଲିପାଟଣା ଥାନା ବରିଲୋ ଗ୍ରାମର କାଶୀନାଥ ପାଲ(୫୫) ଓ ସୁଶାନ୍ତ ମଲିକ (୩୫), ତୋଲକପଡା ଗ୍ରାମର ପ୍ରଣବ ସିଂଦେଓ (୪୮), ଇନ୍ଦ୍ରାପଳ ଗ୍ରାମର ପ୍ରମୋଦ ରାଉତ (୫୭), ବଡ଼ଗଡ଼ ଥାନା ଉପର ସାହିର ଅଜୟ ଜେନା(୪୬)। ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା, ମୋବାଇଲ ଫୋନ୍, ୩ଟି ବାଇକ୍, ଜୁଆ ଖେଳର ସରଞ୍ଜାମ ଜବତ ହୋଇଛି।

ସୂଚନା ମୁତାବକ, ବାଲିଅନ୍ତା ଥାନା ତୋଲାକପଡା ଗ୍ରାମ ନିକଟରେ ଦୀର୍ଘ ଦିନ ହେବ ଜୁଆ ଆଡା ବିନା ବାଧାରେ ଚାଲିଥିଲା। ରାଜଧାନୀର ଆଖପାଖ ଅଞ୍ଚଳର ଅନେକ ଲୋକ ଏଠାରେ ଭିଡ ଜମାଉଥିଲେ। କିଏ ଜୁଆରେ ଟଙ୍କା ଲଗାଇ ମାଲାମାଲ ହେଉଥିଲା ତ କିଏ ହେଉଥିଲା ସର୍ବସ୍ୱାନ୍ତ। ଜୁଆ ଆଡା ଥିବା ଯୋଗୁ ସେହି ଅଞ୍ଚଳରେ ଅଶାନ୍ତକର ପରିସ୍ଥିତି ସୃଷ୍ଟି ହେଉଥିଲା। ପୋଲିସ ଖବର ପାଇ ଜୁଆ ଆଡା ଉପରେ ଚଢ଼ାଉ କରିଛି।


ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଚୋରି ସାମଗ୍ରୀ।

# ବାଟକୁ ଆସିଲେଣି ୫୦ ନିଶାଗ୍ରସ୍ତ ଯୁବକ

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

**କମିଶନରେଟ ପୋଲିସର ଡ୍ରିମ୍‌ସ ପ୍ରୋଜେକ୍ଟ**

ରାଜଧାନୀର ବସ୍ତି ଅଞ୍ଚଳରେ ରହୁଥିବା ବହୁ ଯୁବକ ନିଶା ସେବନ କରି ଅବାଟକୁ ଚାଲିଯିବା ସହ ଅନେକ ଅପରାଧ ଘଟାଉଥିଲେ। ସେମାନଙ୍କୁ ବାଟକୁ ଆଣିବାକୁ କମିଶନରେଟ ପୋଲିସ ଫେବୃୟାରୀ ୨ରେ 'ଡ୍ରିମ୍‌ସ' ନାମରେ ଏକ ଯୋଜନା ଶୁଭାରମ୍ଭ କରିଥିଲା। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବସ୍ତିର ନିଶା ସେବନ କରି ଅପରାଧ ଘଟାଉଥିବା ୫୦ଜଣ ଯୁବକଙ୍କୁ ଚିହ୍ନଟ କରାଯାଇ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ଅଞ୍ଚଳରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରଖାଯାଇଛି। ଇତିମଧ୍ୟରେ ଏହି ଯୁବକଙ୍କ ସ୍ୱଭାବ ସୁଧୁରୁଥିବା ଡିସିପି ପ୍ରତୀକ ସିଂ ସୋମବାର ସୂଚନା ଦେଇଛନ୍ତି। 'ଡ୍ରିମ୍‌ସ' ପ୍ରୋଜେକ୍ଟକୁ ସଫଳତା ମିଳିଛି। ସମ୍ପୃକ୍ତ ଯୁବକ ସମ୍ପୂର୍ଣ୍ଣ ନିଶା ଛାଡ଼ି ସୁସ୍ଥ ଜୀବନ ବିତାଉଛନ୍ତି। ମାନସିକ ସ୍ଥିତି ଦୃଢ଼ କରାଇବା ପାଇଁ ସେମାନେ ନିୟମିତ ଯୋଗ ଓ ଧ୍ୟାନ କରୁଛନ୍ତି। ଆତ୍ମନିର୍ଭରଶୀଳ କରାଇ ରୋଜଗାରକ୍ଷମ କରାଇବା ପାଇଁ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଉଛି। ବିଶିଷ୍ଟ ବ୍ୟକ୍ତିମାନେ ଆସି ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏହି ପ୍ରୋଜେକ୍ଟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଯୁବକଙ୍କୁ ରୋଜଗାର ଦେବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଆଶା ରହିଛି ଏହି ଯୁବକମାନଙ୍କୁ ଏକ ଉଜ୍ୱଳ ଜୀବନ ପ୍ରଦାନ କରିବ ଏବଂ ନୂଆ ଜୀବନ ବଞ୍ଚିବେ ବୋଲି ଡିସିପି ସିଂ କହିଛନ୍ତି। ନିଶା ନିବାରଣ କେନ୍ଦ୍ରରେ ଥିବା ଜଣେ ଯୁବକ କହିଛନ୍ତି, ଅତୀତରେ ଅପରାଧ କରିବା ପାଇଁ ବ୍ରାଉନସୁଗରଠୁ ଆରମ୍ଭ କରି କୋକେନ୍ ପର୍ଯ୍ୟନ୍ତ ସମସ୍ତ ନିଶା ସେବନ କରିଛି। ଏବେ ସମ୍ପୂର୍ଣ୍ଣ ଭଲ ବାଟକୁ ଚାଲି ଆସିଛି। ଏଠାରୁ ଘରକୁ ଗଲେ ଗ୍ରୋସରୀ ଦୋକାନ କରି ପରିବାରକୁ ଭଲରେ ରଖିବା ସହ ଏକ ଭଲ ଜୀବନ ବିତାଇବି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, କମିଶନରେଟ ପୋଲିସ ସହ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ସହଯୋଗିତା ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଆଣ୍ଡ କେୟାର (ଆଇଆଇଇସି)ର ମିଳିତ ଉଦ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଓଏମ୍‌ସି ଆର୍ଥିକ ସହାୟତା ଯୋଗାଉଛି।

# ସମସ୍ତଙ୍କ ସହଯୋଗରେ ଭୁବନେଶ୍ୱର ହେବ ସୁନ୍ଦର ସହର

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ)**

**ଭିଏସ୍‌ଏସ୍ ନଗରବାସୀଙ୍କ ପକ୍ଷରୁ ମେୟରଙ୍କୁ ସମ୍ବର୍ଦ୍ଧନା**

ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ନଗର ଉନ୍ନୟନ ପରିଷଦ, ଦୁର୍ଗାପୂଜା ସମିତି ଏବଂ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମିଳିତ ଭାବେ ମେୟର ସୁଲୋଚନା ଦାସ ଓ ୧୧ନମ୍ବର କର୍ପୋରେଟର ପ୍ରଭାସିନୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମେୟର କହିଲେ, ମିଳିତ ସହଯୋଗରେ ହିଁ ଭୁବନେଶ୍ୱରକୁ ଏକ ସୁନ୍ଦର ସହରରେ ପରିଣତ କରାଯାଇ ପାରିବ। ତେଣୁ ଏଥିପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ। ଉନ୍ନୟନ ପରିଷଦ ତଥା ବରିଷ୍ଠ ନାଗରିକ ମଞ୍ଚ ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ଇଂ. ଅକ୍ଷୟ କୁମାର ସାହାଣୀ, ଉନ୍ନୟନ ପରିଷଦ କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଦୁର୍ଗାପୂଜା ସମିତି କୋଷାଧ୍ୟକ୍ଷ ପ୍ରତାପ କୁମାର ନନ୍ଦ, ଗୌରୀଶଙ୍କର ପ୍ରହରାଜ, କାଳନ୍ଦୀ ଚରଣ ସ୍ୱାଇଁ, ସମ୍ବିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ମଞ୍ଚ ପରିଚାଳନା ଓ ପ୍ରସନ୍ନ କୁମାର ରଥ ଧନ୍ୟବାଦ ଦେଇଥିଲେ।

# ପ୍ରେମ, କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ବୁଦ୍ଧ

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ)**

ପ୍ରେମ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଗୌତମ ବୁଦ୍ଧ। ବର୍ତ୍ତମାନ ବିଶ୍ୱରେ ଯେଉଁ କରାଳ ଛାୟା ଦେଖାଯାଉଛି, ସେଥିରୁ ମୁକ୍ତି ପାଇଁ ବୁଦ୍ଧଙ୍କ ଅହିଂସା, ସତ୍ୟ, ପ୍ରେମ, କରୁଣା ହିଁ ଏକମାତ୍ର ମାର୍ଗ। ବୁଦ୍ଧଙ୍କ ଜନ୍ମ ସମୟରେ ଭାରତବର୍ଷର ପାରିପାର୍ଶ୍ୱିକ ଅବସ୍ଥାକୁ ଯଦି ଆମେ ଚିନ୍ତା କରିବା, ତେବେ କିଭଳି ପରିସ୍ଥିତିରେ ସେ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଇଥିଲେ, ଆମେ ତାହା ପରିକଳ୍ପନା ମଧ କରିପାରିବା ନାହିଁ। ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର ବିରୋଧରେ ବୁଦ୍ଧଙ୍କ ପନ୍ଥା ଶ୍ରେଷ୍ଠ ପନ୍ଥା ଥିଲା ବୋଲି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ କହିଛନ୍ତି। ସୋମବାର ଭାରତୀୟ ମହାବୋଧି ସମିତି ପକ୍ଷରୁ ବୁଦ୍ଧମନ୍ଦିର ପରିସରରେ ଗୌତମ ବୁଦ୍ଧଙ୍କ ୨୫୬୬ତମ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଐତିହାସିକ ତଥା ପୂର୍ବତନ ଡିପିଆଇ ପ୍ରଫେସର ଡ. ନୀହାର ରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଗୌତମ ବୁଦ୍ଧଙ୍କ ବାଣୀ ବିଶ୍ୱର ତଥା ବ୍ୟକ୍ତିର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ମଣିଷ ଆଚରଣ ସିଦ୍ଧ ହେଲେ ସବୁକିଛି ତା' ଦ୍ୱାରା ସମ୍ଭବ ବୋଲି ସେ କହିଥିଲେ। ସଭାପତି ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ଭଗବାନ ବୁଦ୍ଧଙ୍କ ପଞ୍ଚଶୀଳର କଥା ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଅସିତ୍ ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶିତ 'କଳିଙ୍ଗ' ସ୍ମରଣିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, କୋଷାଧ୍ୟକ୍ଷ ତ୍ରିବିକ୍ରମ ମହାନ୍ତି, ପ୍ରଫେସର ବେଦବତୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଭିକ୍ଷୁ ଧର୍ମାଲୋକ ପଞ୍ଚଶୀଳ ଓ କେନ୍ଦ୍ରୀୟ କମିଟିର ଉପସଭାପତି ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କେନ୍ଦ୍ରୀୟ କମିଟିର ଟ୍ରଷ୍ଟି ଡ. ସୌରେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ବୁଦ୍ଧମନ୍ଦିର ପରିସରରେ ଗୌତମ ବୁଦ୍ଧଙ୍କ ୨୫୬୬ତମ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

# ସାନ୍ତାଳି ସମ୍ପ୍ରଦାୟ ନିଜ ଭାଷା, ସଂସ୍କୃତିକୁ ନେଇ ଗର୍ବ କରନ୍ତୁ

**ଭୁବନେଶ୍ୱର, ୧୬।୫ (ବ୍ୟୁରୋ)**

- ୨୦୨୫ରେ ଅଲ୍‌ଚିକି ଭାଷାର ଜନ୍ମ ଶତବାର୍ଷିକୀ ପାଳନ ନେଇ ପ୍ରସ୍ତାବ
- ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଓଡ଼ିଆ ସାହିତ୍ୟ ଏକାଡ଼େମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟ ଅତିଥି।

ହୀନମନ୍ୟତା ପରିହାର ନ କଲେ କୌଣସି ଜାତି ଓ ଭାଷା ନିଜର ସ୍ୱାଭିମାନ ପ୍ରତିଷ୍ଠା କରିପାରିବ ନାହିଁ। ସୋମବାର ଗୀତଗୋବିନ୍ଦ ଭବନଠାରେ ସାନ୍ତାଳି, ଅଲ୍‌ଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହା କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଦିମ୍ ଆଓ୍ୱାର୍ ଜାର୍କା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଉଦ୍‌ଘାଟନ କରି ମନ୍ତ୍ରୀ ମାର୍ଣ୍ଡି କହିଲେ, ପଣ୍ଡିତ ମୁର୍ମୁ ଥିଲେ ଏକାଧାରରେ ସାହିତ୍ୟିକ, ଦାର୍ଶନିକ ଓ ସାଂସ୍କୃତିକ ସଙ୍ଗଠକ। ତାଙ୍କ ଭଳି ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ପାଇଁ ପ୍ରେରଣା। ସାନ୍ତାଳି ସମ୍ପ୍ରଦାୟର ଲୋକମାନେ ନିଜର ଭାଷା ଓ ସଂସ୍କୃତିକୁ ନେଇ ଗର୍ବ ଅନୁଭବ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ଜନଜାତିବିଶେଷଜ୍ଞ ଡ. ପରମାନନ୍ଦ ପଟେଲ ଯୋଗଦେଇ କହିଲେ, ସାନ୍ତାଳି ଭାଷାରେ ତ୍ରିଭାଷିକ ଅଭିଧାନ ତିଆରି ଚାଲିଛି। ଏହା ପ୍ରକାଶ ପାଇଲେ ସାନ୍ତାଳି ଭାଷାର ପ୍ରସାରରେ ସହାୟକ ହୋଇପାରିବ। ସମ୍ମାନିତ ଅତିଥି ଭାବେ ଆଦିମ୍ ଆଓ୍ୱାର୍ ଜାର୍କା ସଭାପତି କାରୁ ମୁର୍ମୁ ଯୋଗଦେଇ ସାନ୍ତାଳି ଭାଷା ସ୍କୁଲ, କଲେଜର ପାଠ୍ୟକ୍ରମରେ କିପରି ଅଧିକରୁ ଅଧିକ ଅନ୍ତର୍ଭୁକ୍ତ ହୋଇପାରିବ ସେ ଦିଗରେ ସରକାର ଧ୍ୟାନ ଦେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ୨୦୨୫ରେ ଅଲ୍‌ଚିକି ଭାଷାର ଜନ୍ମ ଶତବାର୍ଷିକୀ ପାଳନ କରିବାକୁ ମନ୍ତ୍ରୀ ଦେଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ସବୁମତେ ସହଯୋଗ କରିବ ବୋଲି ଡ. ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ଅଲ୍‌ଚିକି ଭାଷାର ବିଶେଷତ୍ୱ ଉପରେ ନିଜର ମତ ରଖିବା ସହ ସମାପନୀ ବକ୍ତବ୍ୟ ଦେଇଥିଲେ। ରବିନାରାୟଣ ରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏକାଡେମୀ ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଲସିଂ ଧନ୍ୟବାଦ ଦେଇଥିଲେ। ଶେଷରେ ସାନ୍ତାଳି ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଉଦ୍‌ଘାଟିତ

**କଟକ ସଦର, (ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠାଘର ସୋମବାର କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଦାରା ଉଦ୍‌ଘାଟିତ ହୋଇଯାଇଛି। ପ୍ରାୟ ୨ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କୋଠାରେ ଚକ୍ଷୁ, ଆଉଟ୍‌ଡୋର ଓ ୨୫ ଶଯ୍ୟାବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ରହିବ। ବିଭୂତି ଭୂଷଣ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ବସନ୍ତ କୁମାର ସାହୁ, ବିଡିଓ ରାଜୀବ ଲୋଚନ ପରିଡ଼ା, ବ୍ଲକ ଉପାଧକ୍ଷ ଅମ୍ବିକା ପାତ୍ର, ସମିତିସଭ୍ୟ ବିନୋଦ ବେହେରା, ଜିଲା ପରିଷଦ ସଭ୍ୟା ସସ୍ମିତା ମାର୍ଥା, ପ୍ରଦୀପ୍ତ ମାହାଲ, ସରପଞ୍ଚ ଶିବଚରଣ ମଲ୍ଲିକ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ ଯୋଗଦେଇଥିଲେ। ପ୍ରମୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟର ହିତ ପାଇଁ ବଢୁଛି ମାଟିପାତ୍ର ଚାହିଦା

## ରାଜ୍ୟ ବାହାରୁ ଆସୁଛି ମାଟି ପ୍ରସ୍ତୁତ ସାମଗ୍ରୀ



**କଟକ ଅଫିସ, ୧୬।୫**

ଆଜିର ସମୟରେ ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେଲେଣି। ବିଭିନ୍ନ ରୋଗଠାରୁ ଦୂରେଇ ରହିବା ଓ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ପାଇଁ ସମସ୍ତେ ପାଣିଠାରୁ ଆରମ୍ଭ କରି ଖାଦ୍ୟ ପର୍ଯ୍ୟନ୍ତ ଯାହା ହିତକର, ସେସବୁ ଗ୍ରହଣ କରୁଛନ୍ତି। ଏଥିପାଇଁ ଲୋକମାନେ ସ୍ୱାସ୍ଥ୍ୟୋପଯୋଗୀ ଜିନିଷ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି, ଯେଉଁଥିରେ ଏକ ପ୍ରମୁଖ ଭୂମିକା ନେଉଛି ମାଟିପାତ୍ର। କାରଣ ଖାଦ୍ୟ ପ୍ରସ୍ତୁତିରେ ଏହାର ରହିଛି ମୁଖ୍ୟ ଭୂମିକା। ଏଥିସହ ଗରମରୁ ମୁକ୍ତି ପାଇଁ ଫ୍ରିଜର ପାଣି ବଦଳରେ ମାଟିପାତ୍ରରେ ଥିବା ଥଣ୍ଡା ପାଣିକୁ ବେଶି ପସନ୍ଦ କରୁଛନ୍ତି ଲୋକେ। ଫଳରେ ବଜାରରେ ଏବେ ଏହି ମାଟିପାତ୍ରର ଚାହିଦା ବେଶ୍ ବଢ଼ିବାରେ ଲାଗିଛି। କିଏ ରାଜ୍ୟ ବାହାରୁ ଆସି ମାଟି ସାମଗ୍ରୀ ବ୍ୟବସାୟ କରୁଛି ତ ଆଉ କିଏ ବାହାର ରାଜ୍ୟରୁ ମାଟିରେ ପ୍ରସ୍ତୁତ ସାମଗ୍ରୀ ଆଣି ବେପାର କରୁଛନ୍ତି। ତେବେ ମାଟିପାତ୍ରରେ ରୋଷେଇ ହେଉ କି ପାନୀୟଜଳ ବ୍ୟବହାର କଲେ ଏହାର ଗୁଣବତ୍ତା ନଷ୍ଟ ହୋଇ ନ ଥାଏ। ତେଣୁ ପୁରୁଣା ମାଟିପାତ୍ରର ରୂପରେ ଏବେ ପରିବର୍ତ୍ତନ ଘଟିଛି। ମାଟିର ଫ୍ରିଜ୍, ଫିଲ୍ଟର, ବାସନକୁସନ ଆଦି ସାମଗ୍ରୀ ମିଳୁଛି, ଯାହା ଉପଯୋଗୀ ହେବା ସହ ଘରର ସାଜସଜ୍ଜା ଓ ସୌଖୀନ ସାମଗ୍ରୀ ଭାବେ ବ୍ୟବହାର ହୋଇପାରୁଛି। ବିଶେଷକରି ଖରାଦିନେ ଥଣ୍ଡା ପାନୀୟ ଜଳ ସାଇତି ରଖିବା ପାଇଁ ମାଟିର ସୁରେଇ ଓ ମାଠିଆକୁ ଅଧିକାଂଶ ବ୍ୟବହାର କରିଥାନ୍ତି। ମାଟିର କପ୍, ଗ୍ଲାସ୍, ହାଣ୍ଡି, ମାଠିଆ, ପ୍ରେସରକୁକର, ଫ୍ରିଜ୍, ଫିଲ୍ଟର, ମାଟି କଡ଼େଇ, ମାଟିଚୁଲା, ବୋତଲ, ମାଟିର ଥାଳି, ଜଗ୍ ଆଦି ବିଭିନ୍ନ ସାମଗ୍ରୀ ବଜାରରେ ଦେଖିବାକୁ ମିଳୁଛି, ଯାହାର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ କରି ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

### ଏମାନେ କୁହନ୍ତି...



“ନନ୍‌ଷ୍ଟିକ୍ ଓ ଆଧୁନିକ ବାସନ ବଦଳରେ ଏବେ ଏହି ପାରମ୍ପରିକ ମାଟିପାତ୍ର ବ୍ୟବହାର ପାଇଁ ଲୋକଙ୍କ ଆଗ୍ରହ ରହୁଛି। ଫଳରେ ମାଟିପାତ୍ରର ରୂପରେଖ ବଦଳାଇ ନୂଆ ନୂଆ ଡିଜାଇନ୍‌ରେ ପ୍ରସ୍ତୁତ ହେଉଛି। ଗରମ ଦିନେ ସର୍ବାଧିକ ମାଟି ସୁରେଇର ଚାହିଦା ରହୁଛି। ସେହି ଚାହିଦାକୁ ଦେଖି ରାଜସ୍ଥାନରୁ ସ୍ୱତନ୍ତ୍ର ସାମଗ୍ରୀ ଆଣୁଛି। ଏଥିସହ ମଟନ ରାନ୍ଧିବା ପାଇଁ ସ୍ୱତନ୍ତ୍ର ମାଟିହାଣ୍ଡି ରହିଛି। ଏହାବ୍ୟତୀତ ମାଟିଚୁଲା ଏବଂ ଗ୍ୟାସ୍‌ଚୁଲାରେ ବ୍ୟବହାର ପାଇଁ ସ୍ୱତନ୍ତ୍ର ପାତ୍ର ମଧ୍ୟ ରହିଛି।

—ମନ ରାଉତ, ସ୍ଥାନୀୟ ବ୍ୟବସାୟୀ



“ଏଠାକାର ଲୋକଙ୍କ ମଧ୍ୟରେ ମାଟିପାତ୍ରର ବେଶ୍ ଚାହିଦା ରହିଛି। ତାହାକୁ ଦେଖି ମୁଁ ଏବଂ ମୋର କେତେଜଣ ସମ୍ପର୍କୀୟ କୋଲ୍‌କାତାର ଶିଲିଗୁଡ଼ିରୁ ଏଠାକୁ ଆସି ବେପାର କରୁଛୁ । ଖରା ଗରମ କାରଣରୁ ସର୍ବାଧିକ ମାଟି ବୋତଲ ଏବଂ ସୁରେଇର ଚାହିଦା ରହୁଛି। ଛୋଟରୁ ବଡ଼ ପର୍ଯ୍ୟନ୍ତ ଏହି ସାମଗ୍ରୀ ରହୁଛି। ସୁରେଇର ମୂଲ୍ୟ ୧୫୦ରୁ ଆରମ୍ଭ କରି ୬୫୦ ପର୍ଯ୍ୟନ୍ତ ରହିଛି। ପ୍ରତ୍ୟେକ ବର୍ଷ ଏଠାକୁ ଆସି ବେପାର କରୁ।

—ଆରାଧନ ପାଲ, ବ୍ୟବସାୟୀ



“ଆମ ଘରେ ମାଟି ସୁରେଇ ପାନୀୟଜଳ ବ୍ୟବହାର ପାଇଁ ରଖିଛୁ। ଆଜକୁ ପ୍ରାୟ ୧୦ରୁ ୧୫ ବର୍ଷ ହେଲା ଘରେ ମାଟିପାତ୍ରରେ ପାନୀୟ ଜଳ ରଖି ବ୍ୟବହାର କରିଆସୁଛୁ । ଏହାଦ୍ୱାରା ଜଳ ଥଣ୍ଡା ରହୁଛି। ମାଟି ସୁରେଇରୁ ପାଣି ପିଇଲେ ଶାନ୍ତି ଲାଗୁଛି। ଏଥିସହ ମାଟି କପ୍, ଥାଳି ଏବଂ ଘରସଜ୍ଜା ସାମଗ୍ରୀ ମଧ୍ୟ ବ୍ୟବହାର କରୁଛି।

—ବୁନିତା ପରିଡ଼ା, ସ୍ଥାନୀୟ ବାସିନ୍ଦା



“ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ୍‌ର ବ୍ୟବହାର ମାତ୍ରାଧିକ ବଢ଼ିଗଲାଣି। ତେବେ ଏହି ବ୍ୟବହାରକୁ ହ୍ରାସ କରିବା ପାଇଁ ମୁଁ ମାଟି ପ୍ରସ୍ତୁତ ସାମଗ୍ରୀ ଆଡ଼କୁ ଆକୃଷ୍ଟ ହୋଇଛି। ମାଟିପାତ୍ରରେ ଖାଇବା ଓ ପାଣି ରଖି ପିଇବା ଦେହ ପାଇଁ ହିତକର। ପିଇବା ପାଇଁ ବି ଭଲ ଲାଗୁଛି। ଏଥିରେ ପାଣି ଥଣ୍ଡା ରହିବା ସହ ଭଲ ବାସ୍ନା ଆସୁଛି।

—ବର୍ଷାରାଣୀ ଦାସ, ସ୍ଥାନୀୟ ବାସିନ୍ଦା

## ସଂକ୍ଷେପରେ

### ୧୨ ନମ୍ବର ୱାର୍ଡରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ

**କଟକ ଅଫିସ, ୧୬।୫:** ସିଏମ୍‌ସି ଅନ୍ତର୍ଗତ ୧୨ ନମ୍ବର ୱାର୍ଡରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ଦୀପାଞ୍ଜଳି ସିଂ ମାନସିଂପାଟଣା ୟୁ.ପି. ସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ୧୮ ଜଣଙ୍କୁ ନୂତନ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ। ଏଥିରେ ୱାର୍ଡ ସଭାପତି ସୁଦାମ ପରିଡ଼ା, ସୁଦୀପ୍ତା ମହାନ୍ତି, ବିଭୂତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ବୁଦ୍ଧଦେବଙ୍କୁ ପୂଜାର୍ଚ୍ଚନା

**ଚୌଦ୍ୱାର/ବାଙ୍କୀ, ୧୬।୫ (ଡି.ଏନ୍.ଏ./ସ୍ୱ.ପ୍ର.):** ବୁଦ୍ଧ ପୂର୍ଣ୍ଣିମା ଅବସରରେ ଚୌଦ୍ୱାରସ୍ଥିତ ବଧିକୁଦରେ ଭଗବାନ ବୁଦ୍ଧଙ୍କୁ ପ୍ରାର୍ଥନା ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପ୍ରେସ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ଖବରଦାତା ଗଙ୍ଗାଧର ସାହୁ, କ୍ଲବ୍ ଉପଦେଷ୍ଟା ସୌରେନ୍ଦ୍ର ପଣ୍ଡା, ଖବରଦାତା ପ୍ରକାଶ ନାୟକ, ମହେନ୍ଦ୍ର ବିଶ୍ୱାଳ, ସୁଧାକର ସାମନ୍ତରାୟ, ଅଶୋକ ଦାସ, ଲକ୍ଷ୍ମୀଧର ଦାସ, ସସ୍ମିତା ବିଶ୍ୱାଳ, ଅଧାପିକା ଏଲୋରା ରାୟ ପ୍ରମୁଖ ଯୋଗଦେଇ ଐତିହାସିକ ବଧିକୁଦରେ ଭଗବାନ ବୁଦ୍ଧଙ୍କୁ ପ୍ରାର୍ଥନା କରିବା ସହିତ ବୁଦ୍ଧଦେବଙ୍କ ନୀତି ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଜନତା ଓ ଛାତ୍ରୀଛାତ୍ର ବଧିକୁଦରେ ଉପସ୍ଥିତ ରହି ବୁଦ୍ଧଦେବଙ୍କୁ ପ୍ରାର୍ଥନା କରିଥିଲେ। ଅନୁରୂପଭାବେ ଉଦୟନାଥ ଚାରିଟେବୁଲ ଟ୍ରଷ୍ଟ ଓ ଉତ୍କଳ ପୂଜନ ପରିଷଦର ମିଳିତ ଆନୁକୂଲ୍ୟରେ ଟ୍ରଷ୍ଟ ପରିସରରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇ ଯାଇଛି । ଉପଦେଷ୍ଟା କୈଳାସ ଚନ୍ଦ୍ର ବରାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ସାହୁ,ଚନ୍ଦ୍ର ମୋହନ ସାହୁ,ସୁକାନ୍ତ ପ୍ରଧାନ,ଅନନ୍ତ ଚରଣ ନାୟକ, ବାଳକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଭାରତ ପ୍ରତ୍ନତାତ୍ତ୍ୱିକ ବିଶ୍ଳେଷଣ ସଂସ୍ଥା ଦ୍ୱାରା ଏହି ବଧିକୁଦର ଖନନ କରାଯାଇ ମାଟିତଳୁ ବୌଦ୍ଧ କୀର୍ତ୍ତିରାଜି ଆବିଷ୍କୃତ ହେବା ସହିତ ଏହି ସ୍ଥଳକୁ ଏକ ଐତିହାସିକ ପର୍ଯ୍ୟଟନସ୍ଥଳ ଭାବେ ଘୋଷଣା କରାଯାଇଛି। ସେହିପରି ବାଙ୍କୀର ଡମପଡ଼ା ବ୍ଲକ ରଗଡି ବୁଦ୍ଧ ବିହାରଠାରେ ଥିବା ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ବୁଦ୍ଧ ପୂର୍ଣ୍ଣିମା ସୋମବାର ଅନୁଷ୍ଠିତ ହୋଇଯାଇଛି। ରଗଡ଼ି ବୁଦ୍ଧ ବିହାରଠାରେ ବୌଦ୍ଧ ଧର୍ମାଲମ୍ବୀ ବ୍ୟକ୍ତିମାନେ ଭଗବାନ ବୁଦ୍ଧଙ୍କୁ ମହାସ୍ନାନ କରାଇ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ କରିଥିଲେ। ଯୁବ ବୌଦ୍ଧ ଧର୍ମର କର୍ମକର୍ତ୍ତା କୁଳମଣି ମହାପାତ୍ର, କୃଷ୍ଣଚନ୍ଦ୍ର ସାହୁ, ଅମିୟ ମହାପାତ୍ର, ସ୍ୱରୂପ ରଞ୍ଜନ ମହାପାତ୍ର, ଦାସରଥୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଗୋପାଳ ପ୍ରହରାଜଙ୍କ ଶ୍ରାଦ୍ଧ ଉତ୍ସବ

**କଟକ ସଦର,୧୬।୫(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ସୋମବାର ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୭୭ତମ ଶ୍ରାଦ୍ଧ ଉତ୍ସବ ପାଳନ କରାଯାଇଥିଲା। ପ୍ରହରାଜ ପ୍ରତିଭା ପରିଷଦ ଆନୁକୂଲ୍ୟରେ ପାଳିତ ଉତ୍ସବରେ କବି ପ୍ରତାପ ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ କବି ପୀତାମ୍ବର ମହାପାତ୍ର ଯୋଗଦେଇଥିବାବେଳେ ଅନ୍ୟ ଅତିଥି ଭାବେ ପୀୟୂଷ ରଞ୍ଜନ ପରିଡ଼ା, ତାପସ ରାଉତରାୟ, ଅଶୋକ ପଟ୍ଟନାୟକ, ରମାକାନ୍ତ ନାୟକ ଯୋଗଦେଇ ସ୍ୱର୍ଗତ ପ୍ରହରାଜଙ୍କ ଓଡ଼ିଆ ସାହିତ୍ୟ ଓ ଭାଷା ପ୍ରତି ଥିବା ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

## ମହାନଦୀରେ ବୁଡ଼ି ଜଣେ ମୃତ

**ଚୌଦ୍ୱାର, ୧୬।୫ (ଡି.ଏନ୍.ଏ.)**

ମହାନଦୀର ଚଷାପଡ଼ା ଘାଟରେ ରବିବାର ରାତିରେ ନଦୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚଷାପଡ଼ା ଗ୍ରାମର ବସନ୍ତ ସ୍ୱାଇଁ(୫୫)। ପରିବାର ଲୋକଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ଟିପିଏମ୍ ଫାଣ୍ଡି ପୋଲିସ ଏସଂକ୍ରାନ୍ତରେ ଚୌଦ୍ୱାରା ଥାନାରେ ଏକ ମାମଲା(ନଂ.୧୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବସନ୍ତ ରବିବାର କାମ ସାରି ଘରକୁ ଫେରିବା ପରେ ରାତିରେ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ସନ୍ଦେହ କରି ନଦୀ ନିକଟକୁ ଯାଇଥିଲେ। ଫଳରେ ବସନ୍ତ ନଦୀରେ ଭାସୁଥିବା ଦେଖି ଉଦ୍ଧାର କରି ମେଡିକାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

## ୧୪୪ ଖବରଦାତା ନେଲେ ବୁଷ୍ଟର ଡୋଜ

**କଟକ ଅଫିସ, ୧୬।୫**

କଟକ ଜିଲାର ବିଭିନ୍ନ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ସଦର ମହକୁମା ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଷ୍ଟର ଡୋଜ ଟିକାକରଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୧୪୪ ଜଣ କାର୍ଯ୍ୟରତ ଖବରଦାତା କୋଭିଡ୍ ବୁଷ୍ଟର ଡୋଜ ଟିକା ନେଇଛନ୍ତି। ଚାଉଳିଆଗଞ୍ଜସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯୩ଜଣ ଗଣମାଧ୍ୟମ ପ୍ରତିନିଧି, ଆଠଗଡ଼ ଓ ବାଙ୍କୀ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୫ଜଣ ଏବଂ ସାଲେପୁର ଓ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୬ ଜଣଙ୍କୁ ବୁଷ୍ଟର ଡୋଜ ଟିକା ଦିଆଯାଇଛି। ସୂଚନାଯୋଗ୍ୟ, ଗଣମାଧମର ପ୍ରତିନିଧିମାନେ ଖବର ସଂଗ୍ରହ ନିମନ୍ତେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଥାନ୍ତି। ଏଣୁ ଖବରଦାତାଙ୍କୁ ଟିକାକରଣ ଦେବା ପାଇଁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବୁଷ୍ଟର ଡୋଜ ଦେବା ପାଇଁ ଚିଠି ଦ୍ୱାରା ଅନୁରୋଧ କରାଯାଇଥିଲା। ସିଡିଏମ୍‌ଓ ଡା. ସତ୍ୟବ୍ରତ ଛୋଟରାୟ, ଡିଆଇପିଆର୍‌ଓ ଲଳାଟେନ୍ଦୁ ମହାପାତ୍ର, କୋଭିଡ୍ ନୋଡାଲ ଅଧିକାରୀ ଡା. ଉମେଶ ରାୟ, ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ପ୍ରଦୀପ ମଲ୍ଲିକଙ୍କ ମିଳିତ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଅଲେଖ ଚନ୍ଦ୍ର ଦାଶ, ଅଭିରାମ ଦାସ, କାଳୀଚରଣ ତ୍ରିପାଠୀ, ପୁଷ୍ପଲତା ରାଉତ, ତାପସ ଓଝା, ବିଶ୍ୱମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବୀ ପୀଠରେ ଝାମୁଯାତ୍ରା

**ତିଗିରିଆ,୧୬।୫(ଡି.ଏନ.ଏ.)**

ବୈଶାଖ ତଥା ବୁଦ୍ଧ ପୂର୍ଣ୍ଣିମା ଅବସରରେ ତିଗିରିଆର ବିଭିନ୍ନ ଦେବୀ ପୀଠରେ ସୋମବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀ ଝାମୁଁଆମାନେ ଉପବାସରେ ରହି ଦେବୀଙ୍କ ଆଜ୍ଞାମାଳକୁ ଅପେକ୍ଷା କରିଥିଲେ। ଅପରାହ୍ନ ୧ଟା ପରେ ଗ୍ରାମ ପୁଷ୍କରିଣୀରେ ସ୍ନାନ କରିବା ପରେ ଝାମୁ ନିଆଁ ଉପରେ ଚାଲିଥିଲେ। ବ୍ଲକର କଣ୍ଟିପୁରର ଖଣ୍ଡୁଆଳୀ, କୋଇଲକନ୍ୟାରେ କଳାପାଟ, ନନ୍ଦପୁରର ମଙ୍ଗଳା ଏବଂ ଅଚଳକୋଟର ମଙ୍ଗଳା ଏବଂ ତିଗିରିଆ ନିଜିଗଡ଼ର ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଦାବି ପୂରଣରେ ଅବହେଳା କରୁଛନ୍ତି କେନ୍ଦ୍ର ସରକାର

### ପ୍ରଧାନମନ୍ତ୍ରୀଙ୍କୁ ପଠାଯିବ ୩୦ହଜାର ପୋଷ୍ଟକାର୍ଡ

**କଟକ ଅଫିସ, ୧୬।୫**

ଇପିଏଫ୍ ପେନସନଭୋଗୀଙ୍କ ଦାବି ପୂରଣ କରିବାରେ କ୍ରମାଗତ ଅବହେଳା କରାଯାଉଛି। ଏହାକୁ ନେଇ ଇପିଏଫ୍ ପେନସନଭୋଗୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ଘନୀଭୂତ ଅସନ୍ତୋଷକୁ ରାଜ୍ୟର ୩୦ଟି ଜିଲାରୁ ୩୦ହଜାର ହାତଲେଖା ପୋଷ୍ଟକାର୍ଡ ମାଧ୍ୟମରେ ଆସନ୍ତା ଜୁନ ମାସରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯିବ। ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନର ରାଜ୍ୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କଟକର ଖାନନଗର ଜଗନ୍ନାଥ ମନ୍ଦିର ପରିସରରେ ରାଜ୍ୟ ସଭାପତି ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ରବିବାର ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏଶନର ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଯୋଗଦେଇ କହିଥିଲେ, ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କାକୁ ବୃଦ୍ଧି କରିବା ସହ ମହଙ୍ଗା ଭତ୍ତା, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ ଏବଂ ସମସ୍ତ ଇପିଏଫ୍ ପେନସନଭୋଗୀ ବରିଷ୍ଠ ନାଗରିକଙ୍କୁ ସରକାରୀ ସ୍ୱାସ୍ଥ୍ୟସେବା ଯୋଜନାରେ ସାମିଲ କରିବାକୁ ଦାବି ହୋଇ ଆସୁଛି। ହେଲେ କେନ୍ଦ୍ର ସରକାର ଏ ସବୁ ଦାବି ପୂରଣ କରିବାରେ କ୍ରମାଗତ ଅବହେଳା କରୁଛନ୍ତି। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପୋଷ୍ଟ କାର୍ଡ ପଠାଇବାକୁ ସ୍ଥିର କରାଯାଇଛି। ପୋଷ୍ଟକାର୍ଡ ଅଭିଯାନକୁ ସମସ୍ତ ଜିଲାରେ ସଫଳ କରିବା ଲାଗି ବ୍ରହ୍ମା ଆହ୍ୱାନ ଦେଇଥିଲେ। ଏଥିସହ କେନ୍ଦ୍ର ସରକାର ଇପିଏଫ୍ ପେନସନଭୋଗୀଙ୍କ ସମସ୍ୟାର ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବ୍ରହ୍ମା କହିଥିଲେ। ଉକ୍ତ ବୈଠକରେ ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ୍ଲ ଦାସ, ବସନ୍ତ ଦାସ, ରମେଶ ଚନ୍ଦ୍ର ଘଡ଼େଇ, ଉର୍ବଶ୍ରୀ ମିଶ୍ର, ସୁଧାଂଶୁବାଳା ମହାପାତ୍ର, ଗୀତାଞ୍ଜଳି ପାତ୍ର, ରାଜକିଶୋର ସ୍ୱାଇଁ, କୃଷ୍ଣଚନ୍ଦ୍ର ମହାନ୍ତି, କସ୍ତୁରି ଚରଣ ସୁବୁଦ୍ଧି, ବିକ୍ରମ ଛୋଟରାୟ, ରବୀନ୍ଦ୍ର କୁମାର ପରିଡ଼ା, ପ୍ରମୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କାନ୍ତ ମଲିକ ଧନ୍ୟବାଦ ଦେଇଥିଲେ।



ବଡ଼ମ୍ବାର ମାଣିଆବନ୍ଧଠାରେ ସୋମବାର ଆୟୋଜିତ ବୁଦ୍ଧ ମହୋତ୍ସବ ଅବସରରେ କଳାକାରଙ୍କ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶନ।

## ଖୋର୍ଦ୍ଧାର ପାଇକ ଆଖଡ଼ାରେ ଝୁମିଲେ ଦର୍ଶକ

### ମାଣିଆବନ୍ଧ ୧୦ମ ବୁଦ୍ଧ ମହୋତ୍ସବ ତୃତୀୟ ସନ୍ଧ୍ୟା

**ବଡ଼ମ୍ବା,୧୬।୫(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧସ୍ଥିତ ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ର ପରିସରରେ ଚାଲିଥିବା ୧୦ମ ବୁଦ୍ଧ ମହୋତ୍ସବ ସୋମବାର ୩ୟ ସନ୍ଧ୍ୟାରେ ପହଞ୍ଚିଛି। ରାଜ୍ୟ ସଂସ୍କୃତି ବିଭାଗ, କଟକ ଜିଲା ପ୍ରଶାସନ, ମାଣିଆବନ୍ଧ ବୌଦ୍ଧ ସଂଘ ମିଳିତ ସହଯୋଗରେ ଆୟୋଜିତ ମହୋତ୍ସବରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଖୋର୍ଦ୍ଧା କଳାକାରଙ୍କ ଦ୍ୱାରା ପାଇକ ଆଖଡା ଦର୍ଶକ ଝୁମିଥିଲେ। ମହୋତ୍ସବରେ ପଡିଥିବା ବିଭିନ୍ନ ଷ୍ଟଲ ଦର୍ଶକମାନେ ବୁଲି ଦେଖୁଥିଲେ। ଏହି ଅବସରରେ ବୌଦ୍ଧ ସଂଘ ତଥା ମହୋତ୍ସବ ପରିଚାଳନା କମିଟି ପକ୍ଷରୁ ଭୋରୁ ପ୍ରଭାତ ଫେରୀ, ମଧ୍ୟାହ୍ନ, ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇଥିଲା। ବୌଦ୍ଧ ମନ୍ଦିରଗୁଡିକରେ ଧ୍ୱଜା ଉତ୍ତୋଳନ, ଜନ୍ମ ନୀତି, ସାମୂହିକ ବନ୍ଦନା, ତ୍ରିଶରଣ ଧର୍ମ ସଭାମାନ କରାଯାଇଥିଲା।

ମହୋତ୍ସବ କମିଟି ସଭାପତି ଚକ୍ରଧର ଦଳେଇ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ପୋଲିସ ଆଇ.ଜି. ସତୀଶ କୁମାର ଗଜଭିଏ ଯୋଗଦେଇ ମାଣିଆବନ୍ଧ ବୌଦ୍ଧ କାରୁକାର୍ଯ୍ୟ ଉପରେ ଟିପ୍ପଣୀ ରଖିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ନାରାୟଣ ପଣ୍ଡା, ମୁଖ୍ୟ ପୁରୋଧା ଭାବେ ଉପଜିଲାପାଳ ଆଡଗଡ଼ ହେମନ୍ତ କୁମାର ସ୍ୱାଇଁ , ସମ୍ମାନୀତ ଅତିଥି ଭାବେ ତହସିଲଦାର ତପନ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ମାଣିଆବନ୍ଧ ବୌଦ୍ଧ ସଂଘ ସମ୍ପାଦକ ଆଇନଜୀବୀ ଅଜିତ ପ୍ରସାଦ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଗୁହାଳ ହିତାଧିକାରୀ ଚୟନରେ ଅନିୟମିତତା

**କଟକ ସଦର,୧୬।୫(ଡି.ଏନ୍.ଏ.)**

୨୦୨୨-୨୩ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ଗୁହାଳ ହିତାଧିକାରୀ ଚୟନ କରାଯାଇଥିଲା। ପଲ୍ଲୀ ଓ ଗ୍ରାମ ସଭା କରା ନ ଯାଇ ଗୋପନରେ ଏହି ଚୟନ କରାଯାଇଛି ବୋଲି ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଗୋରୁ ନ ଥିବା ବ୍ୟକ୍ତିମାନଙ୍କୁ ହିତାଧିକାରୀ ଭାବେ ମନୋନୀତ କରାଯାଇଛି, ଯାହା ସରକାରୀ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଂଘନ ବୋଲି କୁହାଯାଉଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୮ ଗାଇ ଓ ୪ଟି ବାଛୁରି ରଖିଥିବା ବ୍ୟକ୍ତିଙ୍କୁ ଗୁହାଳ ପାଇଁ ୧ଲକ୍ଷ ୧୩ ହଜାର ଟଙ୍କା ଦିଆଯିବ। ସେହିପରି ୪ଟି ଗାଇ ରଖିଥିବା ବ୍ୟକ୍ତିଙ୍କୁ ୬୬ ହଜାର ଟଙ୍କା ମିଳିବ। ଅବଶ୍ୟ ଏହି ତାଲିକାକୁ ସହକାରୀ ପ୍ରାଣୀ ଚିକିତ୍ସକଙ୍କ ଜରିଆରେ ନୂଆବଜାର, କଳପଡ଼ା, କିଶନନଗରକୁ ଯାଞ୍ଚ ପାଇଁ ପଠାଯିବ। ଯେଉଁ ବ୍ୟକ୍ତି ଶଙ୍କର ଜାତୀୟ ଗୋପାଳନ କରି ବିଭିନ୍ନ ବୁଥ୍‌ରେ ଦୁଗ୍ଧ ବିକ୍ରି କରୁଛନ୍ତି, ତା'ର ସୂଚନା ସଂଗ୍ରହ କରାଗଲେ ଜଣେ ବ୍ୟକ୍ତି କେତୋଟି ଗାଇ ରଖିଛନ୍ତି ତାହା ଜଣାପଡ଼ନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିଭଳି ଚିକିତ୍ସକମାନେ ପ୍ରାଣୀ ଗଣନାକୁ ଆଧାର କରି ରିପୋର୍ଟ ନ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ା କହିଛନ୍ତି, ଠିକ୍ ସମୟରେ ଅଭିଯୋଗର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ନିଆଯିବ।

## ବୁଦ୍ଧଙ୍କ ବାଣୀ ଗ୍ରହଣ କଲେ ମର୍ତ୍ତ୍ୟ ସ୍ୱର୍ଗ ପାଲଟିଯାଏ

**ଫୁଲନଖରା,୧୬।୫(ଡି.ଏନ୍.ଏ.)**

ୟୁଟିଆ ଶିକ୍ଷକ ସଂଘ ପକ୍ଷରୁ ଭଗବାନ ବୁଦ୍ଧଙ୍କ ଜୟନ୍ତୀ ସୋମବାର ବିଏମ୍‌ସି ୪ନଂ. ୱାର୍ଡସ୍ଥିତ ନଖରା ଗ୍ରାମ ବିଶିକେଶନ ପ୍ରତିଭା ଭବନଠାରେ ଆୟୋଜିତ ହୋଇଯାଇଛି। ୟୁଟିଆ ଶିକ୍ଷକ ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୟୁଟିଆ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ତଥା ମୁଖ୍ୟ ବକ୍ତା ଭାବେ ବ୍ରଜକିଶୋର ନାୟକ ଯୋଗଦେଇ କାମନା, ବାସନା, ଲାଳସା ଜଡ଼ିତ ହେଲେ ମନୁଷ୍ୟ ଦୁଃଖକଷ୍ଟ ପାଏ ବୋଲି 'ବୁଦ୍ଧଦେବ'ଙ୍କ କାଳଜୟୀ ବାଣୀକୁ ପ୍ରତିପାଦନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାୟକ ସୁରେନ୍ଦ୍ରନାଥ ଛୋଟରାୟ ଯୋଗଦେଇ ନିର୍ଦ୍ଦୋଷ ଲୋକଙ୍କୁ ଦୋଷାରୋପ କଲେ ପାପ ମଣିଷକୁ ଗ୍ରାସ କରେ ବୋଲି ଗୌତମ ବୁଦ୍ଧଙ୍କ ପରାମର୍ଶ ଥିଲା ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ସୁରେଶ ଚନ୍ଦ୍ର ଦେବତା, କୁସୁମ କୁମାରୀ ସାହୁ, ଦାମୋଦର ଦାସ, ସବିତା ପରିଡା, ପରଓ୍ୱିନ ନିଶା, ରତ୍ନାକର ପ୍ରଧାନ, ବଟକୃଷ୍ଣ ବାରିକ, ମାମିନା ପାଣିଗ୍ରାହୀ, ରମେଶ ଚନ୍ଦ୍ର ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଗୌତମ ବୁଦ୍ଧଙ୍କ ଅହିଂସା, ସତ୍ୟ ବାଣୀକୁ ଗ୍ରହଣ କଲେ ମର୍ତ୍ତ୍ୟଭୂମି ସ୍ୱର୍ଗରେ ପରିଣତ ହେବ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ଶିକ୍ଷକମାନଙ୍କ ବହୁ ସମସ୍ୟା, ସ୍ୱତନ୍ତ୍ର ବିଦ୍ୟାଳୟ ଓ କର୍ମଚାରୀମାନଙ୍କୁ ଅବିଳମ୍ବେ ପେନ୍‌ସନ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା।

## ବାରଙ୍ଗଙ୍କୁ ହରାଇ ମହୁଖଣ୍ଡା ଟିମ୍ ଚାମ୍ପିୟନ

### ୨ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ

**ଫୁଲନଖରା,୧୬।୫(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ପୁରୁଣା କାଚରା ମାଳଠାରେ ୨ଦିନ ଧରି ଚାଲିଥିବା ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଗୋପବନ୍ଧୁ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ସମୁଦାୟ ୩୨ଟି ଟିମ୍ ଭାଗ ନେଇଥିଲେ। ୫ ଓଭରବିଶିଷ୍ଟ ମ୍ୟାଚ୍‌ର ଫାଇନାଲରେ ବାରଙ୍ଗ ଟିମ୍‌କୁ ହରାଇ ମହୁଖଣ୍ଡା କ୍ରିକେଟ ଟିମ୍ କଣ୍ଟାପଡ଼ା ଚାମ୍ପିୟନ ହୋଇଛି। ପ୍ରଥମେ ମହୁଖଣ୍ଡା ଟିମ୍ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ବାରଙ୍ଗ ଟିମ୍ ବ୍ୟାଟିଂ କରି ୫ ଓଭରରେ ୧ ଉଇକେଟ ହରାଇ ୪୪ ରନ୍ ସଂଗ୍ରହ କରିଥିଲା। ଜବାବରେ ମହୁଖଣ୍ଡା ଟିମ୍ ୩ ଓଭର ୫ଟି ବଲ୍ ଖେଳି ୧ଉଇକେଟ ହରାଇ ୪୫ ରନ୍ କରି ଚାମ୍ପିୟନ ହୋଇଥିଲା। ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ ଦି ସିରିଜ ବିଜୟୀ ଟିମ୍‌ର ଟିଣ୍ଟୁ ହୋଇଥିଲେ। ଟୁର୍ନାମେଣ୍ଟର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉରାଳୀ ସରପଞ୍ଚ ଅଭିଷେକ ବେହେରା ଓ ସମାଜସେବୀ ଜ୍ଞାନରଞ୍ଜନ ସାହୁ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ଉଦ୍‌ଯାପନୀ ଦିବସରେ ସାମାଜିକ କର୍ମୀ ଗିରିଶ୍ଚନ୍ଦ୍ର ମହାନ୍ତି, ରବିନାରାୟଣ ସାହୁ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଆୟୋଜିତ ଖେଳକୁ ଗୋପବନ୍ଧୁ ୟୁଥ୍ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ।



କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

## କପିଳେଶ୍ୱର ଷ୍ଟାଇଲେସ୍, ଅଲେଖ ସୁପ୍ରିମ୍ ବିଜୟୀ

### ବାବୁଲା ସ୍ମାରକୀ ମାନପୁର ପ୍ରିମିୟର ଲିଗ୍ କ୍ରିକେଟ

**ତିଗିରିଆ, ୧୬।୫ (ଡି.ଏନ.ଏ.)**

ତିଗିରିଆ ଓ ବଡମ୍ବା ବ୍ଲକ ଅନ୍ତର୍ଗତ ମାନପୁରଠାରେ ଆୟୋଜିତ ୬ଷ୍ଠ ବାବୁଲା ସ୍ମାରକୀ ମାନପୁର ପ୍ରିମିୟର କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କପିଳେଶ୍ୱର ଷ୍ଟାଇଲେସ୍ ଷ୍ଟାର୍ସ ଓ ଅଲେଖ ସୁପ୍ରିମ ଷ୍ଟାର୍ସ ବିଜୟୀ ହୋଇଛନ୍ତି। ପ୍ରଥମେ ଚନ୍ଦନ ସୁପର କିଙ୍ଗସ ସହିତ କପିଳେଶ୍ୱର ଷ୍ଟାଇଲେସ୍ ଷ୍ଟାର୍ସ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଚନ୍ଦନ ସୁପର କିଙ୍ଗସ ୧୧.୫ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୭୮ ରନ କରିଥିଲା। ଦଳ ପକ୍ଷରୁ ରାକେଶ ରଞ୍ଜନ ବେହେରା ୧୨ବଲ୍‌ରେ ୧୭ ରନ୍ କରିଥିଲେ। କପିଳେଶ୍ୱର ଷ୍ଟାଇଲେସ୍ ଷ୍ଟାର୍ସ ୧୨.୨ ଓଭରରେ ୩ ଉଇକେଟ ହରାଇ ୭୯ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଜୟ ସ୍ୱାଇଁ ୧୭ଟି ବଲ ଖେଳି ସର୍ବାଧିକ ୨୨ ରନ କରିଥିଲେ। ଏହି ମ୍ୟାଚରେ କପିଳେଶ୍ୱର ଷ୍ଟାଇଲେସ୍ ଷ୍ଟାର୍ସ ରତ୍ନାକର ବେହେରାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ରୂପେ ମାନପୁର ୟୁଜିଏମଇ ସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ୨ୟ ମ୍ୟାଚରେ ପ୍ରଥମେ ଟସ୍ ଜିତି ଅଲେଖ ସୁପ୍ରିମ ଷ୍ଟାର୍ସ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୭୮ ରନ କରିଥିଲା। ଦଳ ପକ୍ଷରୁ ଭାଗୀରଥି ବାରିକ ୨୧ଟି ବଲ ଖେଳି ୪୦ ରନ କରିଥିଲେ। ବିପକ୍ଷ ମହାବୀର ଶକ୍ତିର ବିଜୟ ପରିଡା ୩ ଓଭର ବୋଲିଂ କରି ୧୧ ରନରେ ଗୋଟିଏ ଉଇକେଟ ନେଇଥିଲା। ଜବାବରେ ମହାବୀର ଶକ୍ତି ମାତ୍ର ୮ ଓଭରରେ ସମସ୍ତ ଉଇକେଟ ହରାଇ ୫୭ ରନ କରି ହାରି ଯାଇଥିଲେ। ବିଜୟୀ ଅଲେଖ ସୁପ୍ରିମ୍ ଷ୍ଟାର୍ସ ରାଜେନ୍ଦ୍ର ସାହୁ ବୋଲିଂରେ ୧୫ ରନ ବିନିମୟରେ ୪ ଉଇକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ମୁଖ୍ୟ ଅତିଥି ଅରୁଣ ରଣା ପୁରସ୍କୃତ କରିଥିଲେ।